# ୯ମାସ ହେଲା ଅନ୍ଧାରରେ ଗ୍ରାମବାସୀ

**ରାୟଗଡ଼(ଗଜପତି), ୧୫ା୧(ଡି.ଏନ୍.ଏ.)**

ତିତ୍‌ଲି ବାତ୍ୟାକୁ ବର୍ଷେ ପୁରିଥିଲେ ମଧ୍ୟ ଗଜପତି ଜିଲାର ଅନେକ ଅଞ୍ଚଳକୁ ଏ ପର୍ଯ୍ୟନ୍ତ ନିରବଚ୍ଛିନ୍ନ ବିଦ୍ୟୁତ ସଂଯୋଗ ହୋଇପାରିନାହିଁ। ଫଳରେ ଗ୍ରାମବାସୀ ଅନ୍ଧାରରେ ରହୁଛନ୍ତି। ଆନ୍ଧ୍ର-ଓଡ଼ିଶା ସୀମାନ୍ତ ଏହି ଗ୍ରାମ ପାଇଁ ଆନ୍ଧ୍ର ପ୍ରଦେଶର ବିଦ୍ୟୁତ ସେବା ହିଁ ସାହାଭରସା ବୋଲି ଗ୍ରାମବାସୀ କହିଛନ୍ତି। ଏପରି ସ୍ଥିତି ଦେଖିବାକୁ ମିଳିଛି ଗଜପତି ଜିଲା ରାୟଗଡ଼ ବ୍ଲକ୍ ଗଙ୍ଗାବାଡ଼ ପଞ୍ଚାୟତର ମାଣିକପାଟଣା ଗ୍ରାମରେ।

ପ୍ରକାଶ ଯେ, ଆନ୍ଧ୍ର-ଓଡ଼ିଶା ସୀମାନ୍ତରେ ଥିବା ଏହି ଗ୍ରାମରେ ପ୍ରାୟ ୪୫ ପରିବାରର ୧୫୦ ସଦସ୍ୟ ବସବାସ କରିଆସୁଛନ୍ତି। ଗ୍ରାମର କିଛି ଜମି ଓଡ଼ିଶାରେ ରହିଥିବାବେଳେ ଆଉ କିଛି ଜମି ଆନ୍ଧ୍ରରେ ରହିଛି। ଫଳରେ କେତେକ ପରିବାର ଆନ୍ଧ୍ର ଜମିରେ ଘର କରିଥିବାରୁ ସେମାନେ ଆନ୍ଧ୍ର ସରକାରଙ୍କ ଠାରୁ ସୁବିଧା ସୁଯୋଗ ଯୋଗାଉଥିବା ଗ୍ରାମବାସୀ କହିଛନ୍ତି। ତିତ୍‌ଲି ମହାବାତ୍ୟାରେ ବିଦ୍ୟୁତ ସେବା ସମ୍ପୂର୍ଣ୍ଣ ନଷ୍ଟ ହୋଇଥିବାବେଳେ ଆନ୍ଧ୍ର ସରକାର ଯୁଦ୍ଧକାଳୀନ ଭିତ୍ତିରେ ଉକ୍ତ ଗ୍ରାମର କେତେକ ଲୋକଙ୍କୁ ବିଦ୍ୟୁତ୍ ସେବା ଯୋଗାଇଥିଲେ। ଓଡ଼ିଶା ସରକାରଙ୍କ ତରଫରୁ ମଧ୍ୟ ୨୦୧୯ ମାର୍ଚ୍ଚରେ ବିଦ୍ୟୁତ ସଂଯୋଗ ଦିଆଯାଇଥିଲା। ତେବେ ମାତ୍ର କିଛି ଦିନ ଗ୍ରାମବାସୀ ଆଲୁଅ ପାଇଥିବାବେଳେ ଟ୍ରାନ୍ସଫର୍ମର ନଷ୍ଟ ହୋଇଥିଲା। ଇତିମଧ୍ୟରେ ୯ମାସ ବିତିଯାଇଥିଲେ ମଧ୍ୟ ବିଦ୍ୟୁତ ସଂଯୋଗ ହୋଇନାହିଁ। ୨୦୧୯ ସେପ୍ଟେମ୍ବର ୧୬ରେ ଗଙ୍ଗାବାଡ଼ ପଞ୍ଚାୟତ କାର୍ଯ୍ୟାଳୟରେ ଜିଲାପାଳଙ୍କ ଅଭିଯୋଗ ଶୁଣାଣିରେ ଗ୍ରାମବାସୀ ଅଭିଯୋଗ କରିବା ପରେ ଶୀଘ୍ର ନୂଆ ଟ୍ରାନ୍ସଫର୍ମର ବସାଇ ବିଦ୍ୟୁତ ସେବା ଯୋଗାଇ ଦିଆଯିବ ବୋଲି ସାଉଥ୍‌କୋ ନିର୍ବାହୀ ଯନ୍ତ୍ରୀ ଗଙ୍ଗାଗୌରୀ ପ୍ରସାଦ ପଟ୍ଟନାୟକ ପ୍ରତିଶ୍ରୁତି ଦେଇଥିଲେ। ତେବେ ପ୍ରତିଶ୍ରୁତିର ୪ମାସ ବିତିଯାଇଥିଲେ ମଧ୍ୟ ତାହା କାର୍ଯ୍ୟକାରୀ ହୋଇନାହିଁ। ଫଳରେ ଆନ୍ଧ୍ର ଜମିରେ ଘର କରିଥିବା ଗ୍ରାମର କେତେକ ପରିବାର ଆଲୁଅ ପାଇଥିବାବେଳେ ଓଡ଼ିଶାରେ ଥିବା ପରିବାର ଅନ୍ଧାରରେ ରହୁଛନ୍ତି। ଏପରିକି ଓଡ଼ିଶାରେ ଥିବା ବିଦ୍ୟୁତ ଖୁଣ୍ଟରେ ଆନ୍ଧ୍ର ରାଜ୍ୟର ବିଦ୍ୟୁତରେ ଷ୍ଟ୍ରିଟ୍ ଲାଇଟ୍ ଜଳୁଥିବା ଦେଖିବାକୁ ମିଳୁଛି। ଗ୍ରାମରେ ହିନ୍ଦୁ ଓ ଖ୍ରୀଷ୍ଟିୟାନ ଉଭୟ ସମ୍ପ୍ରଦାୟର ଲୋକେ ବସବାସ କରୁଥିବାବେଳେ ବଡ଼ଦିନ ପର୍ବ ଏମାନେ ଅନ୍ଧାରରେ ପାଳିଥିଲେ। ଏବେ ପୋଙ୍ଗଲ୍‌କୁ ମଧ୍ୟ ଅନ୍ଧାରରେ ପାଳିଥିବା ଦେଖିବାକୁ ମିଳିଛି। ଫଳରେ ଗ୍ରାମବାସୀଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି। ତେଣୁ ତୁରନ୍ତ ଟ୍ରାନ୍ସଫର୍ମର ମରାମତି କିମ୍ବା ନୂତନ ଟ୍ରାନ୍ସଫର୍ମର ବସାଇ ବିଦ୍ୟୁତ୍ ସଂଯୋଗ ଦେବା ପାଇଁ ଗ୍ରାମବାସୀ ଦାବି କରିଛନ୍ତି। ନଚେତ ଆଗାମୀ ଦିନରେ ଅସନ୍ତୋଷ ଆନ୍ଦୋଳନର ରୂପ ନେବ ବୋଲି ଗ୍ରାମବାସୀଙ୍କ ପକ୍ଷରୁ ଅଳସ ଶବର, କନ୍ତାରୁ ଶବର, ବାଳାୟା ଶବର, ମଧୁସୂଦନ ଶବର, ସୁଦନ ଶବର, ପ୍ରଧାନ ଶବର, ମଧୁ ଶବର, ସୁମିତ୍ରା ଶବର, ଚନ୍ଦ୍ରମଣି ଶବର ଓ ଶାନ୍ତି ଶବର ଚେତାବନୀ ଦେଇଛନ୍ତି। ଏ ବିଷୟରେ ସାଉଥକୋ କନିଷ୍ଠ ଯନ୍ତ୍ରୀ ଦେବବ୍ରତ ସାହୁଙ୍କ ସହ ଯୋଗାଯୋଗ କରିବାରୁ ମାଣିକପାଟଣାର ଟ୍ରାନ୍ସଫର୍ମର ବ୍ରେକ୍‌ଡାଉନ୍ ରିପୋର୍ଟ ମୁଁ ଜିଲା କାର୍ଯ୍ୟାଳୟକୁ ପଠାଇ ଦେଇଛି। ଗ୍ରାମବାସୀ ୨୫କେଭି କ୍ଷମତାର ଏକ ଟ୍ରାନ୍ସଫର୍ମର ରଖିଛନ୍ତି। କିନ୍ତୁ ଉକ୍ତ ଗ୍ରାମରେ ୧୬କେଭି କ୍ଷମତା ବିଶିଷ୍ଟ ଖୁଣ୍ଟ ଓ ତାରର ବ୍ୟବସ୍ଥା ଥିବାରୁ ସଂଯୋଗ ହୋଇପାରୁନାହିଁ, ଶୀଘ୍ର ଏହାର ସମାଧାନ କରାଯିବ ବୋଲି ସେ କହିଛନ୍ତି।

## ଆନ୍ଧ୍ର-ଓଡ଼ିଶା ସୀମାନ୍ତ ମାଣିକପାଟଣା ଗ୍ରାମ

- ଆନ୍ଧ୍ର ଜମିରେ ଥିବା ଗ୍ରାମବାସୀଙ୍କୁ ମିଳୁଛି ବିଦ୍ୟୁତ ସେବା
- ଆନ୍ଧ୍ର ବିଦ୍ୟୁତରେ ଜଳୁଛି ଓଡ଼ିଶା ଷ୍ଟ୍ରିଟ୍ ଲାଇଟ୍



ସୀମାନ୍ତ ମାଣିକପାଟଣା ଗ୍ରାମ।

■ ଆଇଟିଡିଏ ପକ୍ଷରୁ ଗଡ଼ିଲା ସମ୍ପର୍କ ରଥ

# ପ୍ରତ୍ୟେକ ବ୍ଲକରେ ସଚେତନ ହେବେ ଚାଷୀ



ଦକ୍ଷିଣାଞ୍ଚଳ ଆର୍‌ଡିସି ଓ ଜିଲାପାଳ ସମ୍ପର୍କ ରଥ ଗୁଡ଼ିକର ଶୁଭାରମ୍ଭ କରୁଛନ୍ତି।

**ପାରଳାଖେମୁଣ୍ଡି,୧୫ା୧(ସ୍ୱ.ପ୍ର.)**

କୃଷି ଓ କୃଷକଙ୍କ ଉନ୍ନତି ପାଇଁ ଗଜପତି ଜିଲା ଆଇଟିଡିଏ ପକ୍ଷରୁ ସୋମବାର ୫ ସମ୍ପର୍କ ରଥର ଶୁଭାରମ୍ଭ କରାଯାଇଛି। ପାରଳାଖେମୁଣ୍ଡିସ୍ଥିତ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଦକ୍ଷିଣାଞ୍ଚଳ ରାଜସ୍ୱ କମିଶନର ଟି. ଆପଙ୍ଗ ଆଓ ଏବଂ ଜିଲାପାଳ ଅନୁପମ ଶାହା ସବୁଜ ପତାକା ଦେଖାଇ ରଥ ଗୁଡ଼ିକର ଶୁଭାରମ୍ଭ କରିଛନ୍ତି। ଏହି ରଥ ଗୁଡ଼ିକ ଜିଲାର ୭ ବ୍ଲକ୍ ପରିକ୍ରମା କରି କୃଷିର ଉନ୍ନତି ପାଇଁ କେଉଁ ଦିଗ ଉପରେ ଦୃଷ୍ଟି ଦେବା ଆବଶ୍ୟକ ଏବଂ ସେଥିପାଇଁ ପ୍ରଶାସନ ପକ୍ଷରୁ କିପରି ସହାୟତା ପାଇପାରିବେ, ସେ ବିଷୟରେ ଚାଷୀଙ୍କୁ ସଚେତନ କରାଯିବ ବୋଲି ଜଣାପଡ଼ିଛି। ମୁଖ୍ୟତଃ ଚାଷୀମାନେ ପାରମ୍ପରିକ ଚାଷ ବ୍ୟତୀତ ଚାଷୀମାନେ ରବର ଚାଷ, ମହୁ, କୁକୁଡା ପାଳନ, ଫୁଲ କୋବି, ସୂର୍ଯ୍ୟମୁଖୀ ଆଦି ଲାଭଜନକ ଚାଷ କରିବା ଦିଗରେ ରଥ ସଚେତନ କରିବ। ୨୫ ତାରିଖ ପର୍ଯ୍ୟନ୍ତ ରଥ ଗୁଡ଼ିକ ଜିଲାର ସମସ୍ତ ବ୍ଲକ୍ ବୁଲିବ। ରଥ ଶୁଭାରମ୍ଭ କାର୍ଯ୍ୟକ୍ରମରେ ରାୟଗଡ଼ା ଜିଲା ଗୁଣପୁର ଉପଜିଲାପାଳ ବି. ସିଦ୍ଧେଶ୍ୱର ବଳିରାମ, ଅତିରିକ୍ତ ଜିଲାପାଳ ଜ୍ଞାନରଞ୍ଜନ ଭଞ୍ଜଦେଓ, ଗ୍ରାମ୍ୟ ଉନ୍ନୟନ ସଂସ୍ଥାର ପ୍ରକଳ୍ପ ନିର୍ଦ୍ଦେଶକ ସରୋଜ କୁମାର ବେହେରା, ସହକାରୀ ଉପଜିଲାପାଳ ଝୁଲୁ ବେହେରା ଉପସ୍ଥିତ ଥିଲେ।



ପାରଳାଖେମୁଣ୍ଡିରେ ଭୋଗୀ ଉତ୍ସବ।

# ଦ୍ୱିଭାଷୀ ଅଞ୍ଚଳରେ ଭାଇଚାରାର ପରିବେଶ

**ପାରଳାଖେମୁଣ୍ଡି, ୧୫ା୧(ସ୍ୱ.ପ୍ର.)**

## ଗଜପତିରେ ଜମିଲା ମକର ଉତ୍ସବ

ଗଜପତି ଜିଲା ସଦର ପାରଳାଖେମୁଣ୍ଡି ସହର ସମେତ ବିଭିନ୍ନ ବ୍ଲକ୍‌ରେ ମକର ସଂକ୍ରାନ୍ତି ତଥା ପୋଙ୍ଗଲ୍ ପର୍ବ ପାଳିତ ହୋଇଛି। ଏଥିପାଇଁ ଅଞ୍ଚଳ ଉତ୍ସବ ମୁଖର ହୋଇଛି। ଆନ୍ଧ୍ର ସୀମାନ୍ତ ଜିଲା ହୋଇଥିବାରୁ ଏଠାରେ ଅନେକ ତେଲୁଗୁ ଭାଷାଭାଷୀ ଲୋକ ବସବାସ କରନ୍ତି। ତେଣୁ ଏହି ଦ୍ୱିଭାଷୀ ଜିଲାରେ ଗଣପର୍ବ ମକର ସଂକ୍ରାନ୍ତି ବେଶ୍ ପ୍ରସିଦ୍ଧ। ଏଠାରେ ୩ ଦିନ ଧରି ଏହି ପର୍ବ ପାଳନ କରାଯାଇଥାଏ। ଏଥିପାଇଁ ଦୂରରେ ରହୁଥିବା ବନ୍ଧୁବର୍ଗ ଏବଂ ସମ୍ପର୍କୀୟଙ୍କ ଘରେ ଭିଡ଼ ଜମିଥାଏ। ସଂକ୍ରାନ୍ତି ପୂର୍ବଦିନ ରାତିରେ ବିଭିନ୍ନ ସାହି, ବସ୍ତି ଓ ଛକରେ ଭୋଗୀ ପାଳନ କରାଯାଇଥାଏ। ଏହି ସମୟରେ ଅଞ୍ଚଳରେ ଭୋଜିଭାତ ଓ ନାଚ ଗୀତର ଆସର ଜମିଥାଏ। ଭୋଗୀରେ ପୋଡ଼ା ଯାଇଥିବା କାଠଗଣ୍ଡିର ନିଆଁରେ ପାଣି ଉଷୁମ କରି ଗାଧୋଇବା ଦ୍ୱାରା ବିଭିନ୍ନ ରୋଗରୁ ଉପଶମ ମିଳିଥାଏ ବୋଲି ତେଲୁଗୁ ସମ୍ପ୍ରଦାୟଙ୍କ ମଧ୍ୟରେ ବିଶ୍ୱାସ ରହିଛି। ପରେ ସଂକ୍ରାନ୍ତିରେ ପିତୃ ପୁରୁଷଙ୍କ ଶ୍ରାଦ୍ଧ ଏବଂ ପିଣ୍ଡଦାନ କରିଥାନ୍ତି। ସଂକ୍ରାନ୍ତି ପରଦିନ ପିଠା ପଣା ସହ ମାଛ-ମାଂସ ପ୍ରସ୍ତୁତ ହୋଇଥାଏ। ଜିଲାରେ ଉଭୟ ତେଲୁଗୁ ଓ ଓଡ଼ିଆମାନେ ଏହାକୁ ଭାଇଚାରାର ପର୍ବଭାବେ ପାଳନ କରିଥାନ୍ତି।



ଗୁମ୍ମା: ବୈଠକରେ ଉପସ୍ଥିତ ପାରଳାଖେମୁଣ୍ଡି ବିଧାୟକ ଓ ଅନ୍ୟମାନେ।

# ଶବର ସମାଜ କଲ୍ୟାଣ ସମିତିର ମକର ସଂକ୍ରାନ୍ତି କାର୍ଯ୍ୟକ୍ରମ

**ଗୁମ୍ମା, ୧୫ା୧**

ଗୁମ୍ମା ବ୍ଲକ୍ ଅଧୀନ ଡୁମୁଲଠାରେ ବୁଧବାର ଶବର ସମାଜ କଲ୍ୟାଣ ସମିତି ପକ୍ଷରୁ ମକର ସଂକ୍ରାନ୍ତି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ଏଥିରେ ଅତିଥିଭାବେ ପାରଳାଖେମୁଣ୍ଡି ବିଧାୟକ କେ. ନାରାୟଣ ରାଓ, ଗୁମ୍ମା ଭାଜପା ମଣ୍ଡଳ ସଭାପତି କୃଷ୍ଣଚନ୍ଦ୍ର ବିଷୋୟୀ ଯୋଗ ଦେଇଥିଲେ। ବୈଠକରେ ପ୍ରାୟ ୧୬ଖଣ୍ଡ ଗ୍ରାମରୁ ଲୋକଙ୍କ ଭିଡ଼ ଜମିଥିଲା। ଏହିଅବସରରେ ସମିତି ପକ୍ଷରୁ ଅତିଥିମାନଙ୍କୁ ଉପଢ଼ୌକନ ଦେଇ ସମ୍ମାନୀତ କରାଯାଇଥିଲା। ମକର ସଂକ୍ରାନ୍ତି ପାଳନର ଆଭିମୁଖ୍ୟ ଏବଂ ଆଧ୍ୟାତ୍ମିକତା ବିଷୟରେ ବୈଠକରେ ଆଲୋଚନା କରାଯାଇଥିଲା। ଏଥିରେ ଅଞ୍ଚଳର କେତେକ ସାଧୁ, ସନ୍ଥ ମଧ୍ୟ ଯୋଗ ଦେଇଥିଲେ।






# 'ଗଜପତି ଉତ୍ସବ' ସ୍ମରଣିକା ଉନ୍ମୋଚିତ



ଅତିଥି ଓ କମିଟି ସଦସ୍ୟମାନେ ସ୍ମରଣିକା ଉନ୍ମୋଚନ କରୁଛନ୍ତି।

**ପାରଳାଖେମୁଣ୍ଡି,୧୫ା୧(ସ୍ୱ.ପ୍ର.)**

ପାରଳାଖେମୁଣ୍ଡିସ୍ଥିତ ଗଜପତି ଷ୍ଟାଡିୟମ୍‌ରେ ଅନୁଷ୍ଠିତ ହେଉଥିବା ପଲ୍ଲୀଶ୍ରୀ ମେଳା ମଙ୍ଗଳବାର ଉଦ୍‌ଯାପିତ ହୋଇଛି। ଏହି ଅବସରରେ ଗଜପତି ଉତ୍ସବ ପାଇଁ ପ୍ରସ୍ତୁତ ହୋଇଥିବା ସ୍ମରଣିକା ଉନ୍ମୋଚିତ ହୋଇଛି। ସୂଚନାଯୋଗ୍ୟ, ପାରଳା ମହାରାଜା ଗୋପୀନାଥ ଗଜପତିଙ୍କ ପରଲୋକ ଯୋଗୁ ଗଜପତି ଉତ୍ସବକୁ ବାତିଲ୍ କରାଯାଇ କେବଳ ନିରାଡ଼ମ୍ବର ପଲ୍ଲୀଶ୍ରୀ ମେଳା ଅନୁଷ୍ଠିତ ହୋଇଥିଲା। ଫଳରେ ଉତ୍ସବ ପାଇଁ ପ୍ରସ୍ତୁତ ସ୍ମରଣିକା ଉନ୍ମୋଚନ ହୋଇପାରି ନ ଥିଲା। ମଙ୍ଗଳବାର ମେଳା ଉଦ୍‌ଯାପନି ଉତ୍ସବରେ ଜିଲା ପ୍ରଶାସନ ପକ୍ଷରୁ ଏହା ଉନ୍ମୋଚିତ ହୋଇଛି। ଏହି କାର୍ଯ୍ୟକ୍ରମରେ ଜିଲାପାଳ ଅନୁପମ ଶାହା, ଏସ୍‌ପି ସାରା ଶର୍ମା, ଡିଆର୍‌ଡିଏ ପ୍ରକଳ୍ପ ନିର୍ଦ୍ଦେଶକ ସରୋଜ କୁମାର ବେହେରାଙ୍କ ସମେତ ସ୍ମରଣିକା କମିଟିର ଅଧ୍ୟକ୍ଷ ପୂର୍ଣ୍ଣ ଚନ୍ଦ୍ର ମହାପାତ୍ର, କଲ୍ୟାଣୀ ମିଶ୍ର, ଭାରତୀ ପାଣିଗ୍ରାହୀ, ବିଚିତ୍ରାନନ୍ଦ ବେବର୍ତ୍ତା, ଲୋକନାଥ ପଣ୍ଡା ଉପସ୍ଥିତ ଥିଲେ। ଜିଲାର କଳା, ସଂସ୍କୃତି, ଐତିହ୍ୟ ଉପରେ ବିଭିନ୍ନ ତଥ୍ୟ ଆଧାରିତ ଲେଖା ଏଥିରେ ସ୍ଥାନ ପାଇଛି। ଜିଲାର ବିଭିନ୍ନ ଇତିହାସକୁ ସ୍ମରଣ କରିବାପାଇଁ ଏହି ପୁସ୍ତିକା ଉଦ୍ଦିଷ୍ଟ ବୋଲି କମିଟି ପକ୍ଷରୁ କୁହାଯାଇଛି। ଏତଦ୍ ବ୍ୟତୀତ ଜିଲା ବିଷୟରେ ବିଭିନ୍ନ ପ୍ରଶାସନିକ ଅଧିକାରୀଙ୍କ ମନ୍ତବ୍ୟ ମଧ୍ୟ ଏଥିରେ ଉଲ୍ଲେଖ ରହିଛି।

■ ସଡ଼କ ସୁରକ୍ଷା ସପ୍ତାହ ପାଳିତ

# 'ସୁରକ୍ଷିତ ରୁହନ୍ତୁ , ସୁଖୀ ରୁହନ୍ତୁ' ବାର୍ତ୍ତା ଦେଲେ ଛାତ୍ରୀଛାତ୍ର

**ଗୁମ୍ମା,୧୫ା୧**

ଗୁମ୍ମା ବ୍ଲକ୍ ପ୍ରଶାସନ ଏବଂ ସେରଙ୍ଗ ପୋଲିସର ମିଳିତ ଆନୁକୂଲ୍ୟରେ ବୁଧବାର ୩୧ତମ ଜାତୀୟ ସଡ଼କ ସୁରକ୍ଷା ସପ୍ତାହ ପାଳିତ ହୋଇଛି। ଏହି ଅବସରରେ 'ସୁରକ୍ଷିତ ରୁହନ୍ତୁ , ସୁଖୀ ରୁହନ୍ତୁ' ବାର୍ତ୍ତା ସହ ଏକ ସଚେତନତା ଶୋଭାଯାତ୍ରାର ଆୟୋଜନ କରାଯାଇଥିଲା। ସେରଙ୍ଗ ଥାନା ଅଧିକାରୀ ପି. ସ୍ୱରୂପ କିଶାନଙ୍କ ନେତୃତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଗୁମ୍ମା ଆଦର୍ଶ ବିଦ୍ୟାଳୟ ଏବଂ କସ୍ତୁରବା ଗାନ୍ଧୀ ବାଳିକା ବିଦ୍ୟାଳୟର ଛାତ୍ରୀମାନେ ସାମିଲ୍ ହୋଇ ଦୁର୍ଘଟଣାକୁ ରୋକିବା ପାଇଁ ବିଭିନ୍ନ ସଚେତନତା ବାର୍ତ୍ତା ନେଇ ଲୋକଙ୍କୁ ସଚେତନ କରିଥିଲେ। ଏଥିରେ ଗୁମ୍ମା ବିଡିଓ ନଟବର ଗରଡ଼ାଙ୍କ ସମେତ ପୋଲିସ କର୍ମଚାରୀ ସାମିଲ୍ ହୋଇଥିଲେ।














Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-34, Industrial Estate, Pita Mahal, Rayagada, Editor-Tathagata Satpathy, ସମ୍ପାଦକ –ତଥାଗତ ସତପଥୀ

## ସଂକ୍ଷେପରେ

### ପ୍ରଥମ ସ୍ତ୍ରୀଙ୍କୁ ନିର୍ଯାତନା, ଥାନାରେ ଏତଲା

ଜୟପୁର,୧୫।୧(ଡି.ଏନ୍.ଏ.): କୋରାପୁଟ ଜିଲା ଜୟପୁର ମହିଳା ଥାନାରେ ପ୍ରଥମ ସ୍ତ୍ରୀଙ୍କୁ ନିର୍ଯାତନା ଦେଉଥିବା ନେଇ ସ୍ୱାମୀଙ୍କ ବିରୋଧରେ ଥାନାରେ ଅଭିଯୋଗ ହୋଇଛି। ଏନେଇ ମହିଳା ଥାନା ପକ୍ଷରୁ ଏକ ମାମଲା ରୁଜୁ ହେବା ସହ ତଦନ୍ତ ଆରମ୍ଭ କରାଯାଇଛି। ଅଭିଯୁକ୍ତ ସ୍ୱାମୀ କୁନ୍ଦୁରା ଥାନାର ଦିସାରୀଗୁଡ଼ାର ରୁକଦେବ ଚାଲାଣ (୩୨)ଙ୍କ ପ୍ରଥମ ସ୍ତ୍ରୀଙ୍କ ଔରସରୁ ଦୁଇଟି ସନ୍ତାନ ଅଛନ୍ତି। କିନ୍ତୁ କିଛିଦିନ ତଳେ ସେ ଦ୍ୱିତୀୟ ବିବାହ କରିବା ସହ ପ୍ରଥମ ସ୍ତ୍ରୀଙ୍କୁ ମାନସିକ ଓ ଶାରୀରିକ ନିର୍ଯାତନା ଦେଉଥିବା ଥାନାରେ ଅଭିଯୋଗ ହୋଇଥିଲା। ପୋଲିସ ସୂଚନା ଅନୁଯାୟୀ, ୬ ବର୍ଷ ତଳେ ଅଭିଯୁକ୍ତ ରୁକଦେବ ମାଥିଲି ଥାନା ଗୋଡ଼ିଆଲି ଗ୍ରାମରେ ପ୍ରଥମ ବିବାହ କରିଥିଲେ।

### 'ଧରିତ୍ରୀ' ଖବର ବଦଳାଇଲା ଶଶୀଙ୍କ ସ୍ୱାସ୍ଥ୍ୟ



ଦଶମନ୍ତପୁର,୧୫।୧(ଡି.ଏନ୍.ଏ.): ଦଶମନ୍ତପୁର ବ୍ଲକ ମୁର୍କାର ପଞ୍ଚାୟତ ଗାଦିଖାଲ ଗ୍ରାମର ଜଣେ ୧୩ ବର୍ଷୀୟା ଝିଅ ବର୍ତ୍ତମାନ ଦୀର୍ଘ ବର୍ଷ ପରେ ନିଜ ଗୋଡ଼ରେ ଛିଡ଼ା ହେବା ଆରମ୍ଭ କରିଛି। ସେ ହେଲେ ଗୟାଁ ହୁଇକାଙ୍କ ଝିଅ ଶଶୀ ହୁଇକା। ଜମିବାଡ଼ି ନ ଥିବାରୁ ମଜୁରି ଲାଗି ସ୍ତ୍ରୀ, ୨ ଝିଅ, ୨ ପୁଅଙ୍କ ପେଟରେ ଦାନା ଦେଉଥିଲେ। ଶଶି ଜନ୍ମ ହେବାର ଦୁଇ ବର୍ଷ ପରେ ହଠାତ୍ ବାମ ପାଦଗଣ୍ଠିରୁ ଘା' ସୃଷ୍ଟି ହୋଇ ପୂରା ଶରୀରକୁ ବ୍ୟାପିଗଲା। ଏଥିରେ ଶଶିଙ୍କ ଦୁଇଟି ଗୋଡ଼ ଓ ବେକ ଅଚଳ ହୋଇଯିବା ସହ ସେ ଯନ୍ତ୍ରଣାରେ ଛଟପଟ ହେଉଥିଲେ। ଦଶମନ୍ତପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଓ ଜିଲା ଡାକ୍ତରଖାନାରେ ବାରମ୍ବାର ଚିକିତ୍ସା ସତ୍ତ୍ୱେ ଫଳ ମିଳୁ ନ ଥିଲା। ଝିଅ ଭିକ୍ଷାମ ପାଲଟିବା ଆରମ୍ଭ କରିବା ବେଳେ ଏନେଇ 'ଧରିତ୍ରୀ'ରେ ଖବର ପ୍ରକାଶ ପାଇଥିଲା। ସାମାଜିକ କର୍ମୀ ଦିବସ କୁମାର ସାହୁ ଓ ଦୀପା ବାରିକ 'ଧରିତ୍ରୀ' ଖବରକୁ ନେଇ ମୁଖ୍ୟମନ୍ତ୍ରୀଙ୍କୁ ଟୁଇଟ୍ କରିଥିଲେ। ଏହାପରେ ଦଶମନ୍ତପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ କାର୍ଯ୍ୟରତ ରାଷ୍ଟ୍ରୀୟ ବାଲ ସ୍ୱାସ୍ଥ୍ୟ ଯୋଜନା ୟୁନିଟ ଗାଦିଖାଲ ଗାଁରେ ପହଞ୍ଚି ଶଶିଙ୍କୁ ସହାୟତାର ହାତ ବଢ଼ାଇଥିଲା। ଚିକିତ୍ସା ପରେ ଏବେ ସେ ନିଜ ଗୋଡ଼ରେ ଛିଡ଼ା ହେବା ସହ ବେକ ଚଳପ୍ରଚଳ କରିପାରୁଛି। ଏଥିପାଇଁ ସ୍ଥାନୀୟ ଗ୍ରାମବାସୀ 'ଧରିତ୍ରୀ' ଓ ସାମାଜିକ କର୍ମୀଙ୍କୁ କୃତଜ୍ଞତା ଜଣାଇଛନ୍ତି।

### ପଠାଣି ସାମନ୍ତ ମେଧା ବୃତ୍ତି ଗଣିତ ପରୀକ୍ଷା

ଜୟପୁର,୧୫।୧(ଡି.ଏନ୍.ଏ.): ଜୟପୁର ସହରର ସରକାରୀ ଉଚ୍ଚ ବିଦ୍ୟାଳୟ ଓ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟରେ ରବିବାର ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ପକ୍ଷରୁ ପଠାଣି ସାମନ୍ତ ମେଧା ଗଣିତ ପରୀକ୍ଷା ଅନୁଷ୍ଠିତ ହୋଇଛି। ଜୟପୁର ବ୍ଲକର ବିଭିନ୍ନ ବିଦ୍ୟାଳୟର ଷଷ୍ଠ, ନବମ ଶ୍ରେଣୀର ଛାତ୍ରୀଛାତ୍ରମାନେ ଏହି ପରୀକ୍ଷା ଦେଇଥିଲେ। ଏଥିରେ କୃତକାର୍ଯ୍ୟ ଛାତ୍ରୀଛାତ୍ରଙ୍କୁ ପ୍ରତ୍ୟେକ ବର୍ଷ ୫ ହଜାର ଟଙ୍କା ଲେଖାଏଁ ବୃତ୍ତି ମିଳିବ। ପ୍ରଥମ ପର୍ଯ୍ୟାୟରେ ଷଷ୍ଠ ଶ୍ରେଣୀ ପାଇଁ ସରକାରୀ ଉଚ୍ଚ ବିଦ୍ୟାଳୟରେ ୧୫୪ ଜଣଙ୍କ ମଧ୍ୟରୁ ୧୪୯ ଜଣ, ଦ୍ୱିତୀୟ ପର୍ଯ୍ୟାୟ ନବମ ଶ୍ରେଣୀର ୬୬ ଜଣଙ୍କ ମଧ୍ୟରୁ ୬୧ଜଣ ପରୀକ୍ଷା ଦେଇଥିଲେ। ସେହିପରି ସରକାରୀ ଉଚ୍ଚ ବାଳିକା ବିଦ୍ୟାଳୟ ପରୀକ୍ଷା କେନ୍ଦ୍ରରେ ପ୍ରଥମ ପର୍ଯ୍ୟାୟରେ ୮୦ ଜଣଙ୍କ ମଧ୍ୟରୁ ୬୮ ଓ ଦ୍ୱିତୀୟ ପର୍ଯ୍ୟାୟରେ ୯୧ ଜଣଙ୍କ ମଧ୍ୟରୁ ୭୨ ଜଣ ଛାତ୍ରୀଛାତ୍ର ପରୀକ୍ଷା ଦେଇଥିଲେ। ପରୀକ୍ଷାର ପର୍ଯ୍ୟବେକ୍ଷକ ଭାବେ ତହସିଲଦାର ମାତାରାମ ଲିୟାଙ୍ଗି ନିଯୁକ୍ତ ହୋଇଥିଲେ। ସରକାରୀ ଉଚ୍ଚ ବିଦ୍ୟାଳୟର ପ୍ରଧାନଶିକ୍ଷକ ସୁରେନ୍ଦ୍ର ପଟ୍ଟନାୟକ ପରୀକ୍ଷାକେନ୍ଦ୍ରର ସୁପରିଣ୍ଟେଣ୍ଡେଣ୍ଟ ଦାୟିତ୍ୱରେ ରହିଥିଲେ।



ଜୟପୁର ଜଗନ୍ନାଥ ମନ୍ଦିରରେ ଠାକୁରଙ୍କ ମକରଚୌରାସି ବେଶ ।



ଦାମନଯୋଡ଼ିରେ ମକର ପାଇଁ ଶ୍ରୀଜୀଉଙ୍କ ପୂଜାର୍ଚ୍ଚନା ।

# ମକରଚୌରାସି ବେଶରେ ଶ୍ରୀଜୀଉ, ଜମିଲା ପୋଙ୍ଗଲ

କୋରାପୁଟ/ଜୟପୁର/ଦାମନଯୋଡ଼ି, ୧୫।୧(ସ୍ୱ.ପ୍ର./ନି.ପ୍ର./ଡି.ଏନ୍.ଏ.)

କୋରାପୁଟରେ ମକର ସଂକ୍ରାନ୍ତି ଧୁମ୍‌ଧାମ୍‌ରେ ପାଳିତ ହୋଇଛି। ବୁଧବାର ସହରର ଭାଣ୍ଡିସାହି, ପୁଚିଳାସାହି, ହାଟପଦା, ଟିକିରାସାହି ଭଳି ବିଭିନ୍ନ ଅଞ୍ଚଳରେ ମକର ସଂକ୍ରାନ୍ତି ତଥା ପୋଙ୍ଗଲ ଉତ୍ସବ ପାଳିତ ହୋଇଛି। ବିଶେଷ କରି ସହରର ତେଲୁଗୁ ସମ୍ପ୍ରଦାୟର ଲୋକେ ଏହି ପର୍ବ ପାଳନ କରୁଥିବା ବେଳେ ମଙ୍ଗଳବାର ଭୋଗୀ, ବୁଧବାର ମକର ସଂକ୍ରାନ୍ତି ଭାବେ ପାଳନ କରାଯାଇଥିବା ବେଳେ ଶୁକ୍ରବାର କାଣ୍ଡୁମ ଭାବେ ପାଳନ କରିବେ ବୋଲି ଜଣାପଡ଼ିଛି। ସେହିପରି ବୁଧବାର ସହରର ବିଭିନ୍ନ ମନ୍ଦିରରେ ସକାଳୁ ଭକ୍ତଙ୍କ ସମାଗମ ହୋଇଥିଲା। ଜୟପୁର ଜଗନ୍ନାଥ ମନ୍ଦିରରେ ମକର ସଂକ୍ରାନ୍ତି ଅବସରରେ ଶ୍ରୀଜୀଉଙ୍କୁ ମକରଚୌରାସି ବେଶରେ ସଜ୍ଜିତ କରାଯାଇଛି। ବେଶ ଦେଖିବା ପାଇଁ ଭକ୍ତଙ୍କ ପ୍ରବଳ ସମାଗମ ହୋଇଥିଲା। ଦେବୋତ୍ତର ବିଭାଗ ସବୁ ବ୍ୟବସ୍ଥା କରିଥିଲା। ଏହି ଅବସରରେ ଶ୍ରୀଜୀଉଙ୍କ ପାଖରେ ମକର ଚାଉଳ ଭୋଗ ଲାଗି ହୋଇଥିବା ବେଳେ ମନ୍ଦିର ଚାରିପାଖେ ମକର ବେଢ଼ା କରାଯାଇଥିଲା। ଜଗନ୍ନାଥଙ୍କ ମୁଖ୍ୟ ପୁରୋହିତ ଡମ୍ବରୁଧର ପଣ୍ଡା, ସେବାୟତ ଜଗନ୍ନାଥ ତ୍ରିପାଠୀ ସମସ୍ତ ବିଧି ତୁଲାଇଥିଲେ । ସ୍ୱତନ୍ତ୍ର ଆଳତୀ, ଭୋଗ ଲାଗି କରାଯାଇଥିଲା। ମକର ସଂକ୍ରାନ୍ତି ଅବସରରେ ଉତ୍ତରମୁଖୀ ବଲ୍ଲଭ ନାରାୟଣ ମନ୍ଦିରରେ ବି ମକର ଚାଉଳ ଭୋଗ ଲାଗି ହୋଇଥିଲା। ମକର ସଂକ୍ରାନ୍ତିରେ ଶ୍ରୀଜୀଉ ଓ ବଲ୍ଲଭ ନାରାୟଣଙ୍କ ଦର୍ଶନ କଲେ ମହାପୁଣ୍ୟ ମିଳିଥାଏ ବୋଲି ବିଶ୍ୱାସ ରହିଛି।

ପବିତ୍ର ମକର ସଂକ୍ରାନ୍ତିରେ ଦାମନଯୋଡ଼ିର ବିଭିନ୍ନ ଜଳାଶୟରେ ବୁଡ଼ ପକାଇ ବିଭିନ୍ନ ମନ୍ଦିର ଯାଇ ଦିଅଁ ଦର୍ଶନ ସହ ପୂଜାର୍ଚ୍ଚନା କରିଛନ୍ତି ଶ୍ରଦ୍ଧାଳୁ। ନାଲ୍‌କୋ ଟାଉନଶିପ୍‌ସ୍ଥିତ ସେକ୍ଟର-୧ ଶ୍ରୀଜଗନ୍ନାଥ ମନ୍ଦିରରେ ମକର ଉପଲକ୍ଷେ ସ୍ୱତନ୍ତ୍ର ପୂଜାନୀତି ହୋଇଥିଲା। ମକର ଚାଉଳରେ ଭୋଗଲାଗି କରାଯାଇଥିଲା। ସନ୍ଧ୍ୟାରେ ମକର ଭୋଗହାଣ୍ଡିକୁ ସଂକୀର୍ତ୍ତନ ସହ ଶ୍ରୀମନ୍ଦିର ପରିକ୍ରମା କରାଯାଇ ଶ୍ରୀବିଗ୍ରହଙ୍କ ପାଖରେ ଲାଗି ହୋଇଥିଲା। ସନ୍ଧ୍ୟା ଆଳତୀ ପରେ ପ୍ରସାଦ ବଣ୍ଟାଯାଇଥିଲା। ସେହିପରି ଟାଉନଶିପ୍ ସେକ୍ଟର-୩ ମନ୍ଦିର, ଭେଜାପୁଟ, ମାଥାଲପୁଟ, ମରିଚମାଳର ବିଭିନ୍ନ ମନ୍ଦିରରେ ମକର ପାଇଁ ଭିଡ଼ ଲାଗିଥିଲା। ତେଲୁଗୁ ସମ୍ପ୍ରଦାୟ ପକ୍ଷରୁ ମଙ୍ଗଳବାର ଭୋଗି ପରେ ବୁଧବାର ପୋଙ୍ଗଲ ପାଳିତ ହୋଇଥିଲା। ସ୍ୱତନ୍ତ୍ର ପୂଜାର୍ଚ୍ଚନା, ମୁରୁଜରେ ଘର ସାଜସଜ୍ଜା କରାଯାଇଥିଲା।

### ପୋଙ୍ଗଲରେ ରଙ୍ଗାରଙ୍ଗ କାର୍ଯ୍ୟକ୍ରମ

ଜୟପୁର,୧୫।୧(ନି.ପ୍ର.)

ତେଲୁଗୁ ସମ୍ପ୍ରଦାୟର ମୁଖ୍ୟ ପରବ ପୋଙ୍ଗଲକୁ ଅଧିକ ରଙ୍ଗିନ କରିବା ପାଇଁ ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜନ କରାଯାଇଛି । ଜୟପୁର ବିଧାୟକ ତାରାପ୍ରସାଦ ବାହିନୀପତିଙ୍କ ପକ୍ଷରୁ ନାରାୟଣୀ କଲେଜରେ ଏହି କାର୍ଯ୍ୟକ୍ରମ ଆୟୋଜିତ ହୋଇଛି। ଏଥିରେ ହାଇଦ୍ରାବାଦର ସିନେଷ୍ଟାର, ପ୍ରଖ୍ୟାତ ଗାୟକମାନେ ଉପସ୍ଥିତ ରହି ରଙ୍ଗାରଙ୍ଗ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ। ଆକର୍ଷଣୀୟ ଷ୍ଟେଜ ଓ ସାଉଣ୍ଡ ସିଷ୍ଟମ ପରିବେଶ ମୁଖରିତ କରିଥିଲା। ହଜାର ହଜାର ଲୋକ କାର୍ଯ୍ୟକ୍ରମ ଉପଭୋଗ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଜିଲାପାଳ ମଧୁସୂଦନ ମିଶ୍ର କଂଗ୍ରେସ ଜିଲା ସଭାନେତ୍ରୀ ମିନାକ୍ଷୀ ବାହିନୀପତି ଉପସ୍ଥିତ ଥିଲେ। ଏହି ଅବସରରେ ବିଭିନ୍ନ କ୍ଷେତ୍ରରେ କୃତିତ୍ୱ ହାସଲ କରିଥିବା ୩ ଜଣଙ୍କୁ ସମ୍ମାନିତ କରାଯାଇଥିଲା।

### ଛାତ୍ରୀଛାତ୍ରଙ୍କୁ ଶୀତବସ୍ତ୍ର

ଦଶମନ୍ତପୁର,୧୫।୧(ଡି.ଏନ୍.ଏ.):

ଦଶମନ୍ତପୁର ଗିର୍ଲିଗୁମ୍ମା ପଞ୍ଚାୟତରେ ବ୍ରିଜ ଅଫ ହୋମ ପକ୍ଷରୁ ୧୦୮ ଛାତ୍ରୀଛାତ୍ରଙ୍କୁ ଶୀତବସ୍ତ୍ର ବଣ୍ଟନ କରାଯାଇଛି। ମ୍ୟାନେଜର ଦିଲ୍ଲୀପ ବାଗଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ହୋଇଥିବା ଏହି କାର୍ଯ୍ୟକ୍ରମରେ ସରପଞ୍ଚ ପୀତବାସ ମୁଦୁଲି, ପ୍ରଧାନ ଶିକ୍ଷକ ରାମଚନ୍ଦ୍ର ଗରଡ଼ା, ପ୍ରିଷ୍ଟ ପି.ପି.ଏମ. ଖୁରା, ସଞ୍ଜୟ ସେନାପତି, ବିନୋଦ କନ୍ଧପାନ, ଚକିତ ଗରଡ଼ା, ସୁନାମ ଗରଡ଼ା ଉପସ୍ଥିତ ଥିଲେ।

## ନିୟନ୍ତ୍ରଣକୁ ଆସୁନି ଆଳୁ ଦର

■ ପୁରୁଣା ଶେଷ ହେଲାଣି, ନୂଆ ଆଳୁର ଦେଖା ନାହିଁ

ଜୟପୁର,୧୫।୧(ନି.ପ୍ର.)

ପିଆଜ ପରେ ଏବେ ଜୟପୁରରେ ଆଳୁ ଦର ବୃଦ୍ଧି ଯୋଗୁ ଗରିବ ଖାଉଟି ମୁଣ୍ଡରେ ଚଡ଼କ ପଡ଼ିଛି। ପିଆଜ କିଲୋ ୪୦ ଟଙ୍କା ବିକ୍ରି କରାଯାଉଥିବା ବେଳେ ଆଳୁ ଉପରେ ନିର୍ଭର କରୁଥିବା ଗରିବ ପରିବାର ଏବେ ଚଢ଼ାଦର ପାଇଁ ଚିନ୍ତାରେ ପଡ଼ିଛନ୍ତି। ଜୟପୁରରେ ଆଳୁ କିଲୋ ୩୦ ଟଙ୍କା ଦରରେ ବିକ୍ରି କରାଯାଉଛି । ଦୀର୍ଘ ୧୫ ଦିନ ହେବ ଆଳୁ ଦର ନିୟନ୍ତ୍ରଣକୁ ଆସୁନାହିଁ। ଆଳୁ କିଲୋ ୩୦ ଟଙ୍କାରେ ବିକ୍ରି କରାଯାଉଥିବା ବେଳେ ବର୍ତ୍ତମାନ ନୂଆ ଆଳୁ ୨୮ ଟଙ୍କାରେ ବିକାଯାଉଛି। ନୂଆ ଆଳୁ ଏବେ ବଜାରରେ ସେହି ପରିମାଣରେ ଉପଲବ୍ଧ ନାହିଁ। ତଥାପି ଦର ନିୟନ୍ତ୍ରଣକୁ ଆସୁନାହିଁ।

ଖୁଚୁରା ବଜାରରେ ଆଳୁ ୨୮ରୁ ୩୦ ଟଙ୍କା ଦରରେ ବିକ୍ରି ହେଉଛି। ଅମଳ ସମୟରେ ଆଳୁ ୨୫ ଟଙ୍କାରୁ ଅଧିକ ହେବା ସମସ୍ତଙ୍କୁ ଆଶ୍ଚର୍ଯ୍ୟ କରିଛି। କେବେ ଆଳୁ ଦର କମିବ, ତାହାକୁ ନେଇ ଖାଉଟି ଆଶଙ୍କାରେ ରହିଛନ୍ତି। ବ୍ୟବସାୟୀଙ୍କୁ ପଚାରିଲେ ସେମାନେ କହୁଛନ୍ତି, ଆଳୁ ଦର କମିବା ପାଇଁ ଆଉ କିଛି ସପ୍ତାହ ଲାଗିବ। ନୂଆ ଆଳୁ ଯେତିକି ପରିମାଣରେ ଉତ୍ପାଦନ ହେବା କଥା, ବର୍ତ୍ତମାନ ସୁଦ୍ଧା ତାହା ହୋଇନାହିଁ। ଏଥିସହ ପଶ୍ଚିମବଙ୍ଗରୁ ଆଳୁ ଆମଦାନୀ ମଧ୍ୟ କମିଥିବା ସେମାନେ କହିଛନ୍ତି। କୋରାପୁଟ ଜିଲାର ଯେଉଁ ସବୁ ଅଞ୍ଚଳରେ ଚାଷୀମାନେ ଆଳୁଚାଷ କରିଛନ୍ତି, ତାହା ଧୀରେଧୀରେ ଅମଳ ହେବା ଆରମ୍ଭ କରିଛି। ଯେଉଁ ପରିମାଣରେ ଆଳୁ ଆବଶ୍ୟକ, ସେହି ପରିମାଣରେ ବଜାରକୁ ତାହା ଆସୁନାହିଁ। ନୂଆଆଳୁ ଯେତିକି ଆସୁଛି, ସେଥିରେ ଚାହିଦା ମେଣ୍ଟୁନାହିଁ। ପୁରୁଣା ଆଳୁ କ୍ଷେତ୍ରରେ ବସ୍ତା ପିଛା ୨ରୁ ୪ କିଲୋ ନଷ୍ଟ ମଧ୍ୟ ହେଉଛି। ତେଣୁ ଚଢ଼ା ଦରରେ ବିକିବାକୁ ବାଧ ହେଉଥିବା ବ୍ୟବସାୟୀ କହିଛନ୍ତି। ପନିପରିବା ଓ ପିଆଜ ଦର ସାଙ୍ଗକୁ ଏବେ ଆଳୁ ଦର ଖାଉଟିଙ୍କ ପାଇଁ ଘୋର ସମସ୍ୟା ସୃଷ୍ଟି କରିଛି। ଜିଲା ଯୋଗାଣ ବିଭାଗ ତୁରନ୍ତ ପଦକ୍ଷେପ ନେବାକୁ ଦାବି ହେଉଛି।

### ପଞ୍ଚାନନ ମନ୍ଦିର ଉନ୍ନୟନ ଟ୍ରଷ୍ଟ ଗଠିତ

ଜୟପୁର,୧୫।୧(ଡି.ଏନ୍.ଏ.)

ଜୟପୁର ସହରର ପଞ୍ଚଶମ୍ଭୁ ପୀଠ ପଞ୍ଚାନନ ମନ୍ଦିରର ବିକାଶ ଓ ପରିଚାଳନା ପାଇଁ ଉନ୍ନୟନ ଟ୍ରଷ୍ଟ ଗଠନ ପାଇଁ ବୁଧବାର ଏକ ବୈଠକ ଅନୁଷ୍ଠିତ ହୋଇଛି। ଏଥିରେ ସ୍ଥାନୀୟ ରାଜୁସାହି ବାସିନ୍ଦା ଉପସ୍ଥିତ ରହି ନୂତନ ଟ୍ରଷ୍ଟ ଗଠନ କରିଛନ୍ତି। ମନ୍ଦିରର ସାଂସ୍କୃତିକ ପରିଷଦର ସ୍ଥାୟୀ ଓ ଅସ୍ଥାୟୀ ଭିତ୍ତିଭୂମି ଏବଂ ମନ୍ଦିର ପ୍ରାଙ୍ଗଣର କଲ୍ୟାଣ ମଣ୍ଡପର ପରିଚାଳନା ସହ ଏହାର ଆୟବ୍ୟୟ ନେଇ ଆସନ୍ତା ବୈଠକରେ ନିଷ୍ପତ୍ତି ହେବ। ନୂତନ ଟ୍ରଷ୍ଟର ସଭାପତି ନୃସିଂହ ପ୍ରସାଦ ମିଶ୍ର, ସଂପାଦକ ଦୁର୍ଗା ପ୍ରସାଦ ମିଶ୍ର, ଯୁଗ୍ମ ସଂପାଦକ ନବକୃଷ୍ଣ ରଥ, କୋଷାଧ୍ୟକ୍ଷ ଜଗନ୍ନାଥ ମିଶ୍ର, ଉପଦେଷ୍ଟା ରମାନାଥ ମିଶ୍ର, ଲାଲମୋହନ ମିଶ୍ର, ଟ୍ରଷ୍ଟି ସଦସ୍ୟ ଶରତ ରଥ, କୃଷ୍ଣଚନ୍ଦ୍ର ମିଶ୍ର, ରଙ୍ଗନାଥ ମିଶ୍ର, ଏଲ୍.ଭି. ପ୍ରସାଦ, ରାଧାକାନ୍ତ ରଥ, ବାଳକୃଷ୍ଣ ପଟ୍ଟନାୟକ, ଚନ୍ଦ୍ରଶେଖର ନାୟକ, ଗୋପାଳ ପଟ୍ଟନାୟକ, ସୁଧାଂଶୁ ମିଶ୍ର ଓ ପୀତାମ୍ବର ରଥ ମନୋନୀତ ହୋଇଛନ୍ତି।

## ପଠାଣି ସାମନ୍ତ ଗଣିତ ମେଧାବୃତ୍ତି ପରୀକ୍ଷା



ଦଶମନ୍ତପୁର ଉଚ୍ଚ ବିଦ୍ୟାଳୟରେ ଛାତ୍ରୀଛାତ୍ରମାନେ ପରୀକ୍ଷା ଦେଉଛନ୍ତି ।

ଦଶମନ୍ତପୁର,୧୫।୧(ଡି.ଏନ୍.ଏ.)

ଦଶମନ୍ତପୁରସ୍ଥିତ ସରକାରୀ ଉଚ୍ଚ ବିଦ୍ୟାଳୟରେ ବୁଧବାର ବ୍ଲକସ୍ତରୀୟ ପଠାଣି ସାମନ୍ତ ଗଣିତ ମେଧାବୃତ୍ତି ପରୀକ୍ଷା ଅନୁଷ୍ଠିତ ହୋଇଛି। ଏଥିରେ ବ୍ଲକର ବିଭିନ୍ନ ବିଦ୍ୟାଳୟରୁ ପ୍ରାୟ ଷ୍ଟେଜ ୧ରେ ୭୬ ଜଣ, ଷ୍ଟେଜ ୨ରେ ୯୯ ଜଣ ପରୀକ୍ଷା ପାଇଁ ନାମ ପଞ୍ଜୀକରଣ କରିଥିଲେ। ସେଥିରୁ ୧୩ ଜଣ ପରୀକ୍ଷାର୍ଥୀ ଅନୁପସ୍ଥିତ ଥିବା ହିନ୍ଦୀ ଶିକ୍ଷକ ଡି.କେ. ପ୍ରଧାନ ପ୍ରକାଶ କରିଛନ୍ତି। ସୁପରିଣ୍ଟେଣ୍ଡେଣ୍ଟ ସପ୍ନେଶ୍ୱର ନାୟକ, ଉପ ସୁପରିଣ୍ଟେଣ୍ଡେଣ୍ଟ ସୂର୍ଯ୍ୟ ନାରାୟଣ ବେହେରାଙ୍କ ତତ୍ତ୍ୱାବଧାନରେ ପରୀକ୍ଷା ପରିଚାଳିତ ହୋଇଥିବା ବେଳେ ବିଜ୍ଞାନ ଶିକ୍ଷକ ବଶିଷ୍ଠ ନାୟକ, ଗୋବିନ୍ଦ ଗରଡ଼ା, ଉର୍ମିଳା ଜେନା ଉପସ୍ଥିତ ଥିଲେ।

## ପୂଜ୍ୟପୂଜା ସଂସଦର ବ୍ୟାସକବି ଜୟନ୍ତୀ




ବ୍ୟାସକବି ଜୟନ୍ତୀରେ ମଞ୍ଚାସୀନ ଅତିଥିମାନେ ।

ଜୟପୁର,୧୫।୧(ଡି.ଏନ୍.ଏ.):

ଜୟପୁର ପୂଜ୍ୟପୂଜା ସଂସଦ ପକ୍ଷରୁ ମକର ସଂକ୍ରାନ୍ତି ଓ ବ୍ୟାସକବି ଫକୀରମୋହନ ସେନାପତିଙ୍କ ଜୟନ୍ତୀ ପାଳିତ ହୋଇଛି। ସଂସଦର ସଭାପତି ଇଂ. କେଦାରନାଥ ବେହେରାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ମାସିକ ସାହିତ୍ୟ ଟୁଙ୍ଗି କାର୍ଯ୍ୟକ୍ରମରେ ମୁଖ୍ୟବକ୍ତା ଭାବେ ଅବସରପ୍ରାପ୍ତ ଅଧ୍ୟାପକ ପ୍ରେମାନନ୍ଦ ଦାଶ ଯୋଗଦେଇ ବ୍ୟାସକବିଙ୍କ କବିତା ଓ ସାହିତ୍ୟ ଉପରେ ଆଲୋକପାତ କରିଥିଲେ। ସେହିପରି ସମ୍ମାନିତ ବକ୍ତା ସୁବାସ ଚନ୍ଦ୍ର ମିଶ୍ର, ଶ୍ରୀନାଥ ମିଶ୍ର, ପଣ୍ଡିତ ମୃତ୍ୟୁଞ୍ଜୟ ଦାଶ ବ୍ୟାସକବି ଫକିରମୋହନଙ୍କ ଜୀବନୀ, ଓଡ଼ିଆ ସାହିତ୍ୟ ବଞ୍ଚାଇ ରଖିବାରେ ତାଙ୍କର ଅବଦାନ ଉପରେ ବିସ୍ତୃତ ଭାବେ ପ୍ରକାଶ କରିଥିଲେ। ଏହି ଅବସରରେ ଅନୁଷ୍ଠିତ କବିତା ପାଠ ଉତ୍ସବରେ ଅନନ୍ତ ଧୀବର, ଅଶୋକ ପାଢ଼ୀ, ମାଧୁରୀ ପଣ୍ଡା, ଭାସ୍କର ସାମନ୍ତରାୟ, ଚନ୍ଦ୍ରିକା ଦେବୀ, ଜାନକୀ ପାଣିଗ୍ରାହୀ, ତପସ୍ୱିନୀ ସାହୁ, ଯଜ୍ଞେଶ୍ୱର ପଣ୍ଡା, ଅନସୂୟା ସାମନ୍ତରାୟ କବିତା ପାଠ କରିଥିଲେ। ସଂସଦର ସଂପାଦକ ତପନ କିରଣ ତ୍ରିପାଠୀ କାର୍ଯ୍ୟକ୍ରମ ପରିଚାଳନା ଓ ସହସଂପାଦକ ବୈରାଗୀ ସାହୁ ଧନ୍ୟବାଦ ଦେଇଥିଲେ।

## ବଣ କୁକୁଡ଼ା ଧରିବାକୁ ଯାଇ ଯୁବକ ନିଖୋଜ

ବୈପାରୀଗୁଡ଼ା,୧୫।୧(ଡି.ଏନ୍.ଏ.)

■ ବାରହା ଶିକାର ପାଇଁ ବିଛାଯାଇଥିବା ବିଦ୍ୟୁତ୍ ତାରରେ ଫସି ମୃତ୍ୟୁ ସନ୍ଦେହ

ବଣ କୁକୁଡ଼ା ଧରିବାକୁ ଯାଇ ୪ ଦିନ ହେଲା ନିଖୋଜ ହୋଇଛନ୍ତି ବୈପାରୀଗୁଡ଼ା ଥାନା ଦଣ୍ଡାବାଡ଼ି ପଞ୍ଚାୟତ ଜଙ୍ଗଲଯୋଡ଼ି ଗ୍ରାମର ଆଦିବାସୀ ଯୁବକ ଲାଛିଆ ସାନ୍ତା। ବାରହା ଶିକାର ପାଇଁ ବିଛାଯାଇଥିବା ବିଦ୍ୟୁତ ତାରରେ ଫସି ତାଙ୍କର ମୃତ୍ୟୁ ହୋଇଥିବା ଓ ମୃତଦେହ ଗାୟବ କରାଯାଇଥିବା ଗ୍ରାମବାସୀ ସନ୍ଦେହ କରୁଛନ୍ତି।

ସୂଚନା ଅନୁଯାୟୀ, ରବିବାର ପାହାନ୍ତାରେ ଜଙ୍ଗଲଯୋଡ଼ି ଗ୍ରାମର କୁମୁଟି ଗୋଲରୀଙ୍କ ପୁଅ ଲାଛିଆ ସାନ୍ତା ବଣ କୁକୁଡ଼ା ଧରିବା ପାଇଁ ଘରେ ପାଳିଥିବା କୁକୁଡ଼ାକୁ ନେଇ ପାଖ ଜଙ୍ଗଲକୁ ଯାଇଥିଲେ। କିନ୍ତୁ ଆଉ ଫେରି ନ ଥିଲେ। ଗାଁ ଲୋକେ ବହୁ ଖୋଜାଖୋଜି କରିବା ପରେ ବୁଧବାର ସକାଳେ କଡ଼କିକୁଣ୍ଡ ନିକଟରେ ୧୧ କେଭି ତାରରୁ ହୁକ୍ ପକାଯାଇଥିବା ୱେୟାର ତଳେ ପଡ଼ିଥିବା ଦେଖିବାକୁ ମିଳିଥିଲା। ସେଠାରେ ଘାସ ପୋଡ଼ିଯାଇଥିବା ବେଳେ ନିକଟରୁ ଘର କୁକୁଡ଼ାକୁ ଜୀବନ୍ତ ଉଦ୍ଧାର କରାଯାଇଥିଲା। ଏହାପରେ ଯୁବକଙ୍କ ପିତା କୁମୁଟି ଗୋଲରୀ ରାମଗିରି ଫାଣ୍ଡିରେ ଏତଲା ଦେଇଥିଲେ। ଫାଣ୍ଡି ଅଧିକାରୀ ସୁବ୍ରତ ପାଣିଗ୍ରାହୀ ଉକ୍ତ ସ୍ଥାନକୁ ଯାଇ ତଦନ୍ତ କରିଥିଲେ। କିନ୍ତୁ ମୃତଦେହ ମିଳି ନ ଥିଲା। ମୃତଦେହ ମିଳି ନ ଥିବାରୁ ନିଖୋଜ ମାମଲା ରୁଜୁ ସହ ତଦନ୍ତ କରାଯାଉଥିବା ସେ କହିଛନ୍ତି। ଗାଁଲୋକଙ୍କ ଅଭିଯୋଗ, ସଲପପଦର, ଗଦ୍ରିଯୋଡ଼ି ଓ ପୁରୁଡାବେଡ଼ାର ଶିକାରୀ ବିଦ୍ୟୁତ ତାର ବିଛାଇ ନିୟମିତ ବାରହା ଶିକାର କରୁଛନ୍ତି। କିଛି ମାସରେ ପୁରୁଡାବେଡ଼ା, ଅଣ୍ଡରିଯୋଡ଼ି, ପାଣ୍ଡ୍ରିପାଣିର ୩ଟି ଘଟଣାରେ ତାରରେ ଫସି କେତେ ଜଣ ଗୁରୁତର ହୋଇଥିଲେ। ଏନେଇ ଥାନାରେ ଏତଲା ବଦଳରେ ପଞ୍ଚାୟତ ବୈଠକରେ ରଫାଦଫା ହୋଇଥିବା ସେମାନେ କହିଛନ୍ତି।

## ବାରଣ୍ଡାରେ ପଡ଼ିଥିଲେ, ମେଡିକାଲ ନେଲେ ସହୃଦୟ ବ୍ୟକ୍ତି

■ ଜିଲାପାଳ, ଉପଜିଲାପାଳଙ୍କୁ ସାହାଯ୍ୟ ନିବେଦନ

କୁନ୍ଦୁରା,୧୫।୧(ଡି.ଏନ୍.ଏ.)

କୋରାପୁଟ ଜିଲା କୁନ୍ଦୁରା ବ୍ଲକର ସୀମାନ୍ତ ପଞ୍ଚାୟତ ଦିଗାପୁର ଅନ୍ତର୍ଗତ ଖିଲପୁଟ ଗ୍ରାମର ଅସହାୟ ବନମାଳୀ ଗୌଡ଼ ବାରଣ୍ଡାରେ ଛଟପଟ ହେଉଥିଲେ। ଗତ ୧୦ ଦିନ ହେଲା ଅଜଣା ବ୍ୟାଧିରେ ସେ ପୀଡ଼ିତ ଥିଲେ। ସ୍ଥାନୀୟ ଅଞ୍ଚଳର ଗୋବିନ୍ଦ ତରାସିଆ କୁନ୍ଦୁରା ବ୍ଲକ ମାନବାଧିକାର କର୍ମୀ ବଦ୍ରି ନାରାୟଣ ଆଚାର୍ଯ୍ୟଙ୍କୁ ଯୋଗାଯୋଗ କରି ସହାୟତା ନିବେଦନ କରିଥିଲେ । ବନମାଳୀଙ୍କ ନିଜର ବୋଲି କେହି ନ ଥିବାରୁ ତାଙ୍କର ଚିକିତ୍ସା ହୋଇପାରୁ ନ ଥିଲା। ବଦ୍ରି, ଗୋବିନ୍ଦ ଗ୍ରାମର କେତେକ ବ୍ୟକ୍ତିଙ୍କ ସହ ମିଶି ବନମାଳୀଙ୍କୁ ୧୦୮ ଆମ୍ବୁଲାନ୍ସ ଯୋଗେ ଜୟପୁରସ୍ଥିତ ଜିଲା ମୁଖ୍ୟ ଚିକିତ୍ସାଳୟକୁ ନେଇଥିଲେ। ସେଠାରେ ପ୍ରାଥମିକ ଚିକିତ୍ସା ପରେ ଅବସ୍ଥା ଗୁରୁତର ଥିବା ଯୋଗୁ ତାଙ୍କୁ କୋରାପୁଟ ନେବା ପାଇଁ ପରାମର୍ଶ ଦିଆଯାଇଥିଲା। ବନମାଳୀଙ୍କୁ ସହାୟତା ପାଇଁ ସହକାରୀ ଜିଲାପାଳ ଆଲୋକ କୁମାର ଅନୁଗୁଳିଆ ଓ ଜିଲାପାଳ ମଧୁସୂଦନ ମିଶ୍ରଙ୍କୁ ଅନୁରୋଧ କରାଯାଇଛି।



ମେଡିକାଲରେ ଚିକିତ୍ସିତ ହେଉଛନ୍ତି ବନମାଳୀ ଗୌଡ଼ ।

୨୦ ବର୍ଷ ତଳୁ ବନମାଳୀଙ୍କ ମା'ଙ୍କ ମୃତ୍ୟୁ ହୋଇଥିବାବେଳେ ୮ ବର୍ଷ ତଳେ ବାପାଙ୍କ ଦେହାନ୍ତ ହୋଇଥିଲା। ନିଜର କେହି ନ ଥିବା ବେଳେ ସାହିବାସିନ୍ଦା ଯାହା ଖାଇବା ଦେଉଥିଲେ, ସେଥିରେ ଚଳିଯାଉଥିଲା। ଗତ ୨୪ ନଭେମ୍ବରରେ ତାଙ୍କ ପେଟ ଫୁଲିଯାଇଥିବା ବେଳେ ଖିଲପୁଟ ଗ୍ରାମର କେତେକ ବ୍ୟକ୍ତି ଓ ସମ୍ପର୍କୀୟ ତାଙ୍କୁ କୋରାପୁଟ ମେଡିକାଲ କଲେଜରେ ଚିକିତ୍ସା କରାଇଥିଲେ । କୋରାପୁଟରୁ ଆସି ଠିକ୍ ସମୟରେ ଔଷଧ ନ ଖାଇବା ଯୋଗୁ ବର୍ତ୍ତମାନ ପେଟ, ହାତ, ଗୋଡ଼ ଓ ମୁହଁ ଫୁଲିଯାଇଛି। ଚଲାବୁଲା କରିବା ମଧ୍ୟ କଷ୍ଟ ହୋଇପଡ଼ିଛି। ପ୍ରଶାସନ ତାଙ୍କର ବ୍ୟବସ୍ଥା କରିବାକୁ ସ୍ଥାନୀୟ ଲୋକେ ନିବେଦନ କରିଛନ୍ତି।

## ସଂକ୍ଷେପରେ

### ବୋଲେରୋ-କାର ଦୁର୍ଘଟଣା, ଜଣେ ଆହତ

**ଡାବୁଗାଁ, ୧୫।୧ (ଡି.ଏନ.ଏ.):** ନବରଙ୍ଗପୁର ଜିଲା ଡାବୁଗାଁ ଥାନା ଅଧୀନ ମହେନ୍ଦ୍ରୀ ଛକ ନିକଟରେ ବୁଧବାର ପୂର୍ବାହ୍ନରେ ବୋଲେରୋ - କାର ଦୁର୍ଘଟଣା ଘଟି ଜଣେ ଆହତ ହୋଇଛନ୍ତି । ଡାବୁଗାଁ ବ୍ଲକ ଅଧୀନ ବୋରିଗାଁ ଗ୍ରାମ ବିଦ୍ୟାଳୟରୁ ୧୨ ଛାତ୍ରୀଛାତ୍ର ବୋଲେରୋ( ନଂ. ଓଡି ୧୦ ଡି ୮୮୮୭ )ଗାଡିରେ ପଠାଣି ସାମନ୍ତ ଗଣିତ ମେଧା ବୃତ୍ତି ପରୀକ୍ଷା ପାଇଁ ଯାଉଥିଲେ। ମହେନ୍ଦ୍ରୀ ଛକ ନିକଟରେ ବିପରୀତ ଦିଗରୁ ଆସୁଥିବା ଏକ କାର( ନଂ. ଓଡି୨୪ଡି ୮୦୯୦) ସହ ଧକ୍କା ହୋଇଥିଲା । ଫଳରେ କାରରେ ଥିବା ନବରଙ୍ଗପୁରର ଟି. ପଲ୍ଲବୀ (୧୩) ନାମକ ନାବାଳିକା ଆହତ ହୋଇଛନ୍ତ। ତାଙ୍କୁ ଡାବୁଗାଁ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା । ଖବରପାଇ ଡାବୁଗାଁ ଥାନା ଏଏସ ଆଇ ଶଶୀ ସତନାମୀ ଓ ପୀତାମ୍ବର ଭତ୍ରା ପ୍ରମୁଖ ଘଟଣାସ୍ଥଳରେ ପହଞ୍ଚିଥିଲେ । ଏନେଇ ଟି. ସୁରିଆ ରାଓ ଡାବୁଗାଁ ଥାନାରେ ଏତଲା ଦେଇଛନ୍ତ। ଏନେଇ ଥାନା କେସ ନଂ. ୧୨/୨୦ ରେ ଏକ ମାମଲା ରୁଜୁ କରାଯାଇଛି।

### ହାବିଲଦାର କନଷ୍ଟେବଳ ସଂଘର ନିର୍ବାଚନ ପ୍ରସ୍ତୁତି

**ମାଲକାନଗିରି, ୧୫।୧ (ସ୍ୱ.ପ୍ର.):** ମାଲକାନଗିରି ଜିଲାରେ ଓଡ଼ିଶା ପୋଲିସ ହାବିଲଦାର କନଷ୍ଟେବଲ ଶାଖା ସଂଘର ୨୦୨୦ କର୍ମକର୍ତ୍ତା ନିର୍ବାଚନ ପାଇଁ ପ୍ରସ୍ତୁତି ଆରମ୍ଭ ହୋଇଛି। ଏହି ନିର୍ବାଚନକୁ ନେଇ ହାବିଲଦାର, କନଷ୍ଟେବଲଙ୍କ ମଧ୍ୟରେ ଆଗ୍ରହ ପ୍ରକାଶ ପାଇଥିବା ବେଳେ ବିଭିନ୍ନ ସ୍ଥାନରେ ପ୍ରାର୍ଥିତ୍ୱକୁ ନେଇ ଚର୍ଚ୍ଚା ଚାଲିଛି। ଶୃଙ୍ଖଳାଗତ ସଂଘ ପରିଚାଳନା ଓ ଜିଲା ପୋଲିସ ପାଇଁ ଦୃଢ଼ ନେତୃତ୍ୱ ଯିଏ ଦେଇପାରିବେ ତାଙ୍କୁ ନେତା ରୂପେ ସଦସ୍ୟମାନେ ବାଛିବେ ବୋଲି ଆଲୋଚନା ହେଉଛି। ଆସନ୍ତା ୨୮ରେ ନିର୍ବାଚନ ହେବ। ଏଥିପାଇଁ ୧୮ରେ ନାମାଙ୍କନ ପତ୍ର ଦାଖଲ ପାଇଁ ସ୍ଥିର ହୋଇଛି। ମୋଟ ୫୩୫ ଭୋଟର ମତଦାନ ସାବ୍ୟସ୍ତ କରିବେ। ସଭାପତି ପଦ ପାଇଁ ସୁନୀଲ ଚୋପାଡି ଓ ମୋତି ସିଂ ଆଶାୟୀ ଥିବା ବେଳେ ଉପସଭାପତି ପାଇଁ ସୁବାସ ଶିଶା ଓ ଟୁଟୁ ଦାସ, ସମ୍ପାଦକ ପାଇଁ ଗୁପ୍ତ ପ୍ରସାଦ ମାଝି ଓ ଭରତ ବେହେରା, କୋଷାଧକ୍ଷ ପାଇଁ ପ୍ରଫୁଲ୍ଲ ଭୂପତି, ଉତ୍ତମ ମହାନ୍ତିଙ୍କ ନାମ ଶୁଣା ଯାଉଛି।

### ଫକୀର ମୋହନ ଜୟନ୍ତୀ

**ମାଲକାନଗିରି,୧୫।୧(ସ୍ୱ.ପ୍ର.):** ମାଲକାନଗିରି ନିକଟସ୍ଥ ଜଗନ୍ନାଥପଲ୍ଲି ଉଚ୍ଚ ବିଦ୍ୟାଳୟଠାରେ ଉତ୍କଳ ସାହିତ୍ୟ ସଂସଦ ପକ୍ଷରୁ କଥା ସମ୍ରାଟ ଫକୀର ମୋହନଙ୍କ ୧୭୮ତମ ଜୟନ୍ତୀ ପାଳିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥି ଭାବେ ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ଡ. ଗୁଣନିଧି ନାୟକ,ମୁଖ୍ୟବକ୍ତା ଭାବେ ଡ.ସରୋଜ ଦାଶ, ସମାନିତ ଅତିଥି ଭାବେ ଦୁର୍ଯ୍ୟଧନ ମହାରଣା,ବିଜୟ କୁମାର ବିଶ୍ୱାସ ଉପସ୍ଥିତ ଥିଲେ। ସଂସଦ ସଭାପତି କେଶବ ଚନ୍ଦ୍ର ନାୟକ ଅଧକ୍ଷତା କରିଥିଲେ। ମୁଖ୍ୟଅତିଥି ନାୟକ କହିଲେ ଯେ, ଫକୀର ମୋହନ ତତ୍କାଳିନ ସମୟରେ ଓଡିଆ ଭାଷାକୁ ସଙ୍କଟରୁ ରକ୍ଷା କରିଥିଲେ। ଓଡିଆ ଭାଷାକୁ ତାଙ୍କ ଅବଦାନ ଓଡିଆ ଜାତିର ଚିରସ୍ମରଣୀୟ ହୋଇ ରହିବ । ଡ. ସରୋଜ ଦାଶଙ୍କୁ ସମ୍ମାନିତ କରାଯାଇଥିଲା। ଫକୀର ମୋହନଙ୍କ କାଳଜୟୀ ଗଳ୍ପ ରେବତୀର ନାଟ୍ୟ ରୂପାନ୍ତର ପୁସ୍ତକକୁ ଡ. ନାୟକ ଉନ୍ମୋଚନ କରିଥିଲେ। ପ୍ରମୋଦ ମିଶ୍ର ଧନ୍ୟବାଦ କରିଥିଲେ।


ମାଲକାନଗିରିରେ ମକର ସଂକ୍ରାନ୍ତିରେ ଏକାଠି ହୋଇଥିବା ତେଲୁଗୁ ସମ୍ପ୍ରଦାୟର ଲୋକେ।


ପଡ଼ିଆରେ ମକର କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥିମାନେ।

# ତେଲୁଗୁ ସମ୍ପ୍ରଦାୟର ବିଶେଷ ପର୍ବ ମକର ସଂକ୍ରାନ୍ତି

**ମାଲକାନଗିରି/ପଡିଆ, ୧୫।୧(ଡି.ଏନ୍.ଏ.)**

ମାଲକାନଗିରି ଜିଲାରେ ବୁଧବାର ମକର ସଂକ୍ରାନ୍ତି ଆନନ୍ଦ ଉଲ୍ଲାସର ସହ ପାଳିତ ହୋଇଛି। ମହିଳାମାନେ ସକାଳୁ ନିଜ ଘରେ ପୂଜାପାଠ କରି ପୂର୍ବ ପୁରୁଷଙ୍କ ଉଦ୍ଦେଶ୍ୟରେ ତିନିପୁରୁଷଙ୍କ ନାମରେ ବ୍ରାହ୍ମଣମାନଙ୍କୁ ଛଞ୍ଚା, ଭୋଜନ ଆଦି ପ୍ରଦାନ କରିଥିଲେ। ବିଶେଷ କରି ତେଲୁଗୁ ସମ୍ପ୍ରଦାୟ ଏହି ପର୍ବକୁ ପାଣ୍ଡୁଗୁ କିମ୍ବା ପୋଙ୍ଗଲ ଭାବେ ପାଳନ କରାଯାଏ। ଏଥିପାଇଁ ଦୁଇଦିନ ପୂର୍ବରୁ ନିଜ ନିଜ ସାହିରେ କାଠ ଜମା କରି ରାବଣ ପୋଡି କରିଥାନ୍ତି। ଏହି ପୋଡିକୁ ଭୋଗି ବୋଲି କୁହାଯାଏ । ଭୋଗିର ପୂର୍ବଦିନ ରାତିରେ ଏହି କାଠରେ ନିଆଁ ଲଗାଇ ଅଗ୍ନି ପୂଜା କରି ଭୋଗି ଦିନ ସକାଳୁ ପ୍ରତି ପରିବାର ଲୋକ ଏହି ନିଆଁରେ ପାଣି ଗରମ କରି ସ୍ନାନ କରିଥାନ୍ତି। ଏହି ଗରମ ପାଣିରେ ସ୍ନାନକଲେ ପୁଣ୍ୟ ହୁଏ ବୋଲି ପ୍ରଥା ରହିଛି। ପଙ୍ଗୋଲ ଅବସରରେ ତେଲୁଗୁ ସମ୍ପ୍ରଦାୟର ଯୁବପିଢି ଏକଜୁଟ ହୋଇ ସାହିସାହି ବୁଲି ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ। ଏହି ଦୁଇଦିନ କୌଣସି ଘରେ ଆମିଷ ହୁଏନାହିଁ। ତୃତୀୟ ଦିନ କାଣ୍ଡୁମୁ ଅବସରରେ ନୂତନ ବସ୍ତ୍ର ପରିଧାନ କରି ଆମିଷ ଖାଇଥାନ୍ତି। ଏହି ଅବସରରେ ପ୍ରତ୍ୟେକ ଘରେ ବନ୍ଧୁବାନ୍ଧବଙ୍କ ଭିଡ ଜମିଥାଏ।

ସେହିପରି ପଡିଆ ବ୍ଲକ ସଦର ମହକୁମାରେ ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘ ପକ୍ଷରୁ ମକର ପର୍ବ ପାଳନ ସହ ପଥ ସଞ୍ଚାଳନ ଶୋଭାଯାତ୍ରା ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଟାଉନ ହଲ୍ ସମ୍ମୁଖରେ ଏକ ବୈଠକ ହୋଇଥିଲା। ଏହି ଦିନଠାରୁ ସୂର୍ଯ୍ୟଙ୍କ ଗତି ଦକ୍ଷିଣାୟନ ଗତି ଉତ୍ତରାୟଣ ହୋଇଛି। ଏହି କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଫୁଲବାଣୀ ଚକାପାଦର ମାଧବ ଚୈତନ୍ୟ ବାବା, ମୁଖ୍ୟବକ୍ତା ରୂପେ ରାମକୃଷ୍ଣ ପାଢୀ, ସମ୍ମାନିତ ଅତିଥି ରୂପେ ପଡିଆ ସଂଘ ଚାଳକ ସତ୍ୟେନ ବୋଷ, ପଡିଆ ଖଣ୍ଡ କାର୍ଯ୍ୟ ବାହକ ରାମଚନ୍ଦ୍ର ମାଝି, ବଜରଙ୍ଗ ଦଳ ପ୍ରମୁଖ ଦିଜେନ ମଜୁମଦାର,ପି.ଭେଙ୍କଟେଶ୍ୱର ରାଓ,ଜଗା କର୍ମାମି ପ୍ରମୁଖ ଉପସ୍ଥିତ ଥିଲେ। ମଙ୍ଗଳବାର ରାତିରେ ଭୋଗି ପାଳନ କରାଯାଇ ବୁଧବାର ସନ୍ଧ୍ୟାରେ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ସୂଚନାଯୋଗ୍ୟ ଯେ, ପଡିଆରେ ସର୍ବାଧିକ ତେଲୁଗୁ ସମୁଦାୟ ଲୋକ ରହୁଥିବାରୁ ଗତ ଦୁଇଦିନ ଧରି ପୋଙ୍ଗଲ ପାଳନ ଅବସରରେ ସ୍ଥାନୀୟ ଅଞ୍ଚଳ ଉତ୍ସବମୁଖର ହୋଇଉଠିଛି।

# ଶର୍ଟ ସର୍କିଟରେ ଜଳିଗଲା ଘର

## ନିଆଁ ଲାଗି ମହିଳା ଗୁରୁତର

**ନବରଙ୍ଗପୁର,୧୫।୧(ବି.ପ୍ର.)**



ନବରଙ୍ଗପୁର ନୋଡାଲ ଆରସିଡି ହାଇସ୍କୁଲ ରୋଡ କଡରେ ଥିବା ପି. ଉଷାଙ୍କ ଘରେ ବୁଧବାର ବିଦ୍ୟୁତ ଶର୍ଟ ସର୍କିଟ ହୋଇ ଘର ସମେତ ଦୋକାନ ସମ୍ପୂର୍ଣ୍ଣ ଜଳି ଯାଇଛି। ଶାଢୀରେ ନିଆଁଲାଗି ଉଷାଙ୍କ ଶରୀରର ୮୦ ଭାଗ ପୋଡି ଯାଇଛି। ସେ ଏବେ ଜିଲା ସଦର ମହକୁମା ଡାକ୍ତରଖାନାରେ ଚିକିତ୍ସିତ ହେଉଛନ୍ତି । ଉଷାଙ୍କ ସ୍ୱାମୀ ପି. ଭାସ୍କର ରାଓଙ୍କ ବିୟୋଗ ପରେ ଘରର ସମସ୍ତ ଦାୟିତ୍ୱ ଉଷାଙ୍କ ଉପରେ ରହିଥିଲା । ଏକ ଟିଣ ଛପର ଘରେ ଛୋଟ ଦୋକାନ ଆରମ୍ଭ କରି ନିଜର ପରିବାର ଚଳାଉଥିଲେ । ଉଷାଙ୍କ ଗୋଟିଏ ପୁଅ ପି. ହେମନ୍ତ ଓ ଗୋଟିଏ ଝିଅ ଆଇ. ସନ୍ଧ୍ୟା। ରାୟଗଡା ଜିଲା ଜମିଡିପେଟାଠାରେ ସନ୍ଧ୍ୟା ବିବାହ କରିଛନ୍ତି । ବୁଧବାର ମକର ସଂକ୍ରାନ୍ତି ଓ ତେଲୁଗୁ ସମ୍ପ୍ରଦାୟର ପୋଙ୍ଗଲ ହୋଇଥିବାରୁ ପି.ହେମନ୍ତ ଦୋକାନ ସାମଗ୍ରୀ ଓ ପରିବାପତ୍ର କିଣି ଘରକୁ ପୂର୍ବାହ୍ନ ୧୦ଟା ୪୦ରେ ପହଞ୍ଚିଥିଲେ। ଉକ୍ତ ସମୟରେ ବିଦ୍ୟୁତ ତାରରୁ ନିଆଁ ବାହାରି ପ୍ରଥମେ ଘରର ଫ୍ରିଜ ଜଳି ଯାଇଥିଲା। ପରେ ନିଆଁ ସିଧାସଳଖ ଉଷାଙ୍କ ଶାଢୀକୁ ଲାଗିଯାଇଥିଲା ।ହେମନ୍ତ ସ୍ଥାନୀୟ ଲୋକଙ୍କ ସହାୟତାରେ ଉଷାଙ୍କୁ ଉଦ୍ଧାର କରି ଡାକ୍ତରଖାନା ପଠାଇ ଅଗ୍ନିଶମ ବିଭାଗକୁ ଜଣାଇଥିଲେ । ଦମକଳ ଗାଡି ପହଞ୍ଚି ନିଆଁ ଲିଭାଇଥିଲା। ଘରର ଆସବାପତ୍ର ସହ ଦୋକାନର ସମସ୍ତ ସାମଗ୍ରୀ, ନଗଦ ୧୦ ହଜାରଟଙ୍କା, ରାସନ କାର୍ଡ, ଘରର ଗୁରୁତ୍ୱ ପୂର୍ଣ୍ଣ କାଗଜ ପତ୍ର, ଗଚ୍ଛିତ ଖାଦ୍ୟ, ଟିଭି,ଫ୍ରିଜ, ସିଲେଇ ମେସିନ, ଗ୍ରାଇଣ୍ଡର, ପୋଷାକ ପତ୍ର ସମ୍ପୂର୍ଣ୍ଣ ପୋଡି ଯାଇଛି । ପ୍ରାୟ ୬ ଲକ୍ଷ ଟଙ୍କାର ସମ୍ପତ୍ତି ନଷ୍ଟ ହୋଇଥିବା ହେମନ୍ତ କହିଛନ୍ତି । ଏନେଇ ପରିବାର ଲୋକ ବଦାନ୍ୟ ବ୍ୟକ୍ତିଙ୍କ ସହାୟତାର କାମନା କରିଛନ୍ତି ।

■ ପୂର୍ବତନ ମନ୍ତ୍ରୀ ଡମ୍ବରୁ ମାଝୀଙ୍କ ଆଶୁ ଆରୋଗ୍ୟ କାମନା

# ଭଣ୍ଡାର ଘରଣୀ ମନ୍ଦିରରେ ଭାଜପା ଜାଳିଲା ଅଖଣ୍ଡ ଦୀପ

**ନବରଙ୍ଗପୁର,୧୫।୧(ବି.ପ୍ର.)**

ନବରଙ୍ଗପୁର ଗାଦବାଗୁଡା ନିବାସୀ ତଥା ପୂର୍ବତନ ମନ୍ତ୍ରୀ ଡମ୍ବରୁ ମାଝୀ ହୃଦ ରୋଗରେ ପିଡୀତ ହେବା ପରେ ସ୍ୱାସ୍ଥ୍ୟାବସ୍ଥା ଗୁରୁତର ରହିଛି । ସେ ରାଇପୁରର ରାମକୃଷ୍ଣ କେୟାର ସେଣ୍ଟର ହସ୍ପିଟାଲରେ ଚିକିତ୍ସିତ ହେଉଛନ୍ତି । ସେହିଭଳି ପୂର୍ବତନ ଭାଜପା ଜିଲା ସଭାପତି ତୁମ୍ବର୍ଲା ଗାଁର ଲୋକନାଥ ପାଳଙ୍କ ସ୍ୱାସ୍ଥ୍ୟବସ୍ଥା ଗୁରୁତର ରହିଛି । ସେ ନବରଙ୍ଗପୁର ପରେ ଜୟପୁରର ଏକ ଘରୋଇ ହସ୍ପିଟାଲ ଠାରେ ଚିକିତ୍ସିତ ହେଉଛନ୍ତି । ଉଭୟଙ୍କ ଆଶୁ ଆରୋଗ୍ୟ କାମନା କରି ଜିଲା ଭାଜପା ପକ୍ଷରୁ ନବରଙ୍ଗପୁରର ଅଧିଷ୍ଠାତ୍ରୀ ଦେବୀ ମା'ଭଣ୍ଡାର ଘରଣୀଙ୍କ ନିକଟରେ ଅଖଣ୍ଡ ଦୀପ ପ୍ରଜ୍ୱଳନ କରି ପୂଜାର୍ଚ୍ଚନା କରିଛନ୍ତି । ଜିଲା ସଭାପତି ଜଗଦିଶ ଚନ୍ଦ୍ର ବିଷୋୟୀ, ଯୁବନେତା ଗୌରୀ ଶଙ୍କର ମାଝୀ, ମାନସ ରଂଜନ ଦାଶ, ଅମୁଲ୍ୟ ମିଶ୍ର, ମନୋଜ ମହାକ୍କୁଡ, ମନୋଜ ସଗରିଆ, ସତ୍ୟବାଦୀ ଷଡଙ୍ଗୀ, ଗଜେନ୍ଦ୍ର ତ୍ରିପାଠୀ, ଭୁବନ ନାୟକ, ନିହାର ବିଷୋୟୀ ଓ ରୁନା ମାଝୀ ପ୍ରମୁଖ ଉପସ୍ଥିତ ଥିଲେ ।


ଭାଜପା କର୍ମକର୍ତ୍ତାମାନେ ଅଖଣ୍ଡ ଦୀପ ଜାଳୁଛନ୍ତି।

## ଛାତ୍ରୀଛାତ୍ରଙ୍କ ମଧ୍ୟରେ ବିଭିନ୍ନ ପ୍ରତିଯୋଗିତା

**ତେନ୍ତୁଲିଖୁଣ୍ଟି,୧୫।୧(ଡି.ଏନ.ଏ)**

ନବରଙ୍ଗପୁର ଜିଲା ତେନ୍ତୁଲିଖୁଣ୍ଟି ବ୍ଲକ ଖାତିଗୁଡା ଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷା କେନ୍ଦ୍ର ପରିସରରେ ଇନ୍ଦ୍ରାବତୀ କ୍ରୀଡା ଓ ସାଂସ୍କୃତିକ ପରିଷଦ ତରଫରୁ ଯୁବ ପକ୍ଷ ପାଳନ ଅବସରରେ ଅଂଶୀଦାର ଦିବସ ପାଳନ କରାଯାଇଛି। ଏହି ଅବସରରେ ସ୍ଥାନୀୟ ଶ୍ରୀ ଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ର, ସରସ୍ୱତୀ ବିଦ୍ୟାମନ୍ଦିର, ଜବାହର ନବୋଦୟ ବିଦ୍ୟାଳୟ ଏବଂ ଇନ୍ଦ୍ରାବତୀ ଉଚ୍ଚ ବିଦ୍ୟାଳୟର ଛାତ୍ରୀଛାତ୍ରଙ୍କୁ ନେଇ ବରିଷ୍ଠ, କନିଷ୍ଠ ବର୍ଗ କରି ବକ୍ତୃତା, ପ୍ରବନ୍ଧଲିଖନ ଏବଂ ଚିତ୍ରାଙ୍କନ ପ୍ରତିଯୋଗିତା କରାଯାଇଥିଲା। ବରିଷ୍ଠ ବର୍ଗ ଚିତ୍ରାଙ୍କନ ପ୍ରତିଯୋଗିତାରେ ଅନନ୍ତ ମାଣ୍ଡିଙ୍ଗି, ଲକ୍ଷ୍ମୀ ଝୋଡିଆ, ମୋନିକା ସରକାର, କନିଷ୍ଠ ବର୍ଗରେ ବିଦ୍ୟାସାଗର ପଣ୍ଡା, ଆରାଧା ଅଭିଜିତା ଓ ଖୁସି ବିଶ୍ୱାସ ପ୍ରଥମ, ୨ୟ ଓ ୩ୟ ସ୍ଥାନ ଅଧିକାର କରିଥିଲେ। ସେହିଭଳି ପ୍ରବନ୍ଧ ଲିଖନ ବିରିଷ୍ଠ ବର୍ଗରେ ଅର୍ଚ୍ଚିତା ବିଶ୍ୱାସ, ଶ୍ରଦ୍ଧାଞ୍ଜଳି ବେହେରା ଓ ସୁପ୍ରିୟା ମେହେର, କନିଷ୍ଠ ବର୍ଗରେ ରୁଦ୍ର ନାରାୟଣ ନାୟକ, ପ୍ରଜ୍ଞା ପରିମିତା ନାୟକ ଓ ଶୁଭସ୍ମିତା ମହାପାତ୍ର ପ୍ରଥମ, ୨ୟଓ ୩ୟ ହୋଇଥିଲେ। ବକ୍ତୃତା ପ୍ରତିଯୋଗିତାରେ ବରିଷ୍ଠ ବର୍ଗରେ ନୃସିଂହ ରଞ୍ଜନ ପାଣିଗ୍ରାହୀ, ଚିନ୍ମୟୀ ପଣ୍ଡା, ବନିତା ବେହେରା କନିଷ୍ଠ ବର୍ଗରେ ଆରାଧା ଅଭିଜିତା, ଆକାଂକ୍ଷା ନାୟକ ଓ ଅଭିନବ କୁମାର ପ୍ରଥମ, ୨ୟ ଓ ୩ୟ ହୋଇଥିଲେ। ଇନ୍ଦ୍ରାବତୀ କ୍ରୀଡା ଓ ସାଂସ୍କୃତିକ ପରିଷଦ ସଭାପତି ସୁବାସ ଚନ୍ଦ୍ର ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଇଂ ସନ୍ତୋଷକ କୁମାର ଗାହାଣ, ମୁଖ୍ୟବକ୍ତା ଭାବେ ଡଃ ଅଶୋକ କୁମାର ଦାସ, ସମ୍ମାନୀତ ଅତିଥି ଭାବେ ଅଧାପକ ବିମଳ କୁମାର ହେବରା ଓ ନାଟ୍ୟକାର ତଥା କବି ମନୋଜ କୁମାର ରଥ ଯୋଗ ଦେଇଥିଲେ। ସମ୍ପାଦକ ରମଣୀ ରଞ୍ଜନ ତ୍ରିପାଠୀ ପରିଚାଳନା କରିଥିଲେ। ବିଶ୍ୱ ଭାତୃତ୍ୱରେ ବାର୍ତ୍ତା ଦେଇଥିବା ସ୍ୱାମୀ ବିବେକାନନ୍ଦଙ୍କ ଆଦର୍ଶରେ ଅନୁପ୍ରାଣୀତ ହେବାକୁ ଆହ୍ୱାନ ଦିଆଯାଇଥିଲା।

# ପାର୍କ ପୁନରୁଦ୍ଧାର ନେଇ ଅଣ୍ଟା ଭିଡ଼ିଲେ ସ୍ଥାନୀୟ ଯୁବକ


ଏମ୍‌ଭି-୭୯ ପାର୍କର ପୁନରୁଦ୍ଧାର କାର୍ଯ୍ୟ ଚାଲିଛି।

**ଏମଭି-୭୯,୧୫।୧(ଡିଏନ.ଏ.)**

ଉପଯୁକ୍ତ ରକ୍ଷଣାବେକ୍ଷଣ ଅଭାବରୁ ଏମଭି-୭୯ସ୍ଥିତ ଏକମାତ୍ର ପାର୍କ ଏବେ ଘନ ଜଙ୍ଗଲରେ ପରିଣତ ହୋଇଛି । ଏହି ପାର୍କଟି ଏବେ ବୁଲା ଗୋରୁ ତଥା ଅନ୍ୟାନ୍ୟ ପ୍ରାଣୀଙ୍କ ଏକ ନିରାପଦ ଆଶ୍ରୟସ୍ଥଳ ପାଲଟିଛି। ଅଞ୍ଚଳବାସୀଙ୍କ ଅବସର ବିନୋଦନ, ଭ୍ରମଣ ଉଦ୍ଦେଶ୍ୟରେ ଏହି ପାର୍କ ପ୍ରାୟ ୪୦ବର୍ଷ ତଳେ ଦଣ୍ଡକାରଣ୍ୟ ପ୍ରକଳ୍ପ ସମୟରେ ହୋଇଥିଲା। ଏହାର ଉନ୍ନତି ପ୍ରଶାସନ ନ କରିବାରୁ ଏବେ ସ୍ଥାନୀୟ ଅଞ୍ଚଳର ଯୁବକମାନେ ଏହାର ପୁନରୁଦ୍ଧାର ନେଇ ବାହାରିଛନ୍ତି। ବୁଧବାର ପାର୍କରେ ଉଠିଥିବା ଅନାବନା ଗଛ ସବୁ ସଫା କରିଛନ୍ତି। ଯୁବକମାନଙ୍କ ଏହି ପ୍ରୟାସକୁ ସାଧାରଣରେ ପ୍ରସଂଶା କରାଯାଇଛି।

■ ପୋଲିସ,ଏସ୍‌ଓଜି ସହ ବିଏସ୍‌ଏଫ୍ ତିଆରି କଲେ

# ହନ୍ତାଳଗୁଡାରୁ ଯୋଡ଼ାମ୍ବକୁ ରାସ୍ତା

**ଚିତ୍ରକୋଣ୍ଡା,୧୫।୧(ଡି.ଏନ.ଏ.)**

ମାଲକାନଗିରି ଜିଲା ଚିତ୍ରକୋଣ୍ଡା ପଞ୍ଚାୟତ ସମିତି ଅନ୍ତର୍ଗତ ସ୍ୱାଭିମାନ ଅଞ୍ଚଳର ବିଚ୍ଛିନାଞ୍ଚଳକୁ ପାହାଡ଼, ନଦୀ ଓ ଝରଣା ଘେରି ରହିଛି। ଉକ୍ତ ଅଞ୍ଚଳକୁ ରାସ୍ତା ନ ଥିବାରୁ ଯାତାୟାତ ପାଇଁ ଲୋକେ ବହୁ ଅସୁବିଧାର ସମ୍ମୁଖୀନ ହୋଇଥାନ୍ତି। ଜିଲା ପ୍ରଶାସନ ନିକଟରେ ଯାତାୟାତ ପାଇଁ ରାସ୍ତା କରିଛି। ତେବେ ଓଡିଶା ପୋଲିସ,ଏସ୍‌ଓଜି ଓ ବିଏସ୍‌ଏଫ୍‌ଙ୍କ ମିଳିତ ଉଦ୍ୟମରେ ହନ୍ତାଳଗୁଡାଠାରୁ ଯୋଡ଼ାମ୍ବ ପର୍ଯ୍ୟନ୍ତ ରାସ୍ତା ନିର୍ମାଣ କରାଯାଉଛି। ମାଲକାନଗିରି ଏସ୍‌ପି ଋଷିକେଶ ଡି. ଖିଲାରଙ୍କ ନିର୍ଦ୍ଦେଶରେ ପାପରମେଟଲା ଓଆଇସି ଲକ୍ଷ୍ମୀ ନାରାୟଣ ମୁଦୁଲିଙ୍କ ତତ୍ତ୍ୱାବଧାନରେ ୪ଟି ଜେସିବି ମେଶିନ ସହାୟତାରେ ପାହାଡ଼ କାଟି ରାସ୍ତା ଫିଟାଯାଉଛି। ପୋଲିସର ଏଭଳି କାମକୁ ସାଧାରଣରେ ପ୍ରଶଂସା କରାଯାଇଛି। ତେବେ ଗୁରୁପ୍ରିୟା ସେତୁ ଯୋଗୁ ରାସ୍ତା ତିଆରି ସଫଳ ହୋଇଛି।


ଯୋଡ଼ାମ୍ବକୁ ତିଆରି ଚାଲିଥିବା ରାସ୍ତା।

# ପ୍ରଧାନ ଶିକ୍ଷକ ସମ୍ମାନିତ


ପ୍ରଧାନଶିକ୍ଷକଙ୍କୁ ଅତିଥିମାନେ ସମ୍ମାନିତ କରୁଛନ୍ତି।

**କୋରୁକେଣ୍ଡା, ୧୫।୧(ଡି.ଏନ.ଏ.)**

ମାଲକାନଗିରି ଜିଲା କୋରୁକୋଣ୍ଡା ବ୍ଲକ ଅନ୍ତର୍ଗତ ତାର୍ଲାକୋଟା ସରକାରୀ ଉଚ୍ଚ ବିଦ୍ୟାଳୟ ପ୍ରଧାନଶିକ୍ଷକ କରୁଣାକର ମଲିକ ଗଞ୍ଜାମ ଜିଲା ନୂଆପଡାର ବାହୁଦା ମହୋତ୍ସବରେ ସମ୍ମାନିତ ହୋଇଛନ୍ତି। ବିଶିଷ୍ଟ ସଙ୍ଗୀତଜ୍ଞ ଡକ୍ଟର ରବି ନାରାୟଣ ଦାଶ, ଦକ୍ଷିଣ ଓଡିଶା ସାହିତ୍ୟ ସମ୍ମିଳନୀର ମହାସଚିବ ଦଣ୍ଡପାଣି ମହାପାତ୍ର, ଉପସଭାପତି ଗୌରାଙ୍ଗ ରାଉତ, ମହୋତ୍ସବର ସଭାପତି କିଶୋର ପ୍ରଧାନ, ସମ୍ପାଦକ ସୁରେନ୍ଦ୍ରନାଥ ନାୟକ ପ୍ରମୁଖ ଅତିଥି ରୂପେ ଯୋଗଦେଇ ମଲ୍ଲିକଙ୍କୁ ସମ୍ମାନିତ କରିଛନ୍ତି। ସୂଚନାଯୋଗ୍ୟ ଯେ, ପ୍ରଧାନ ଶିକ୍ଷକ ମଲ୍ଲିକ ଆଦିବାସୀ ଅଞ୍ଚଳରେ ଶିକ୍ଷାର ବିକାଶ ଏବଂ ପରିବେଶ ସୁରକ୍ଷା ପାଇଁ କାର୍ଯ୍ୟ କରି ସମସ୍ତଙ୍କ ନିକଟରେ ପରିଚିତ।

# ପାପଡ଼ାହାଣ୍ଡି ଥାନାର ନୂତନ କୋଠା ଉଦଘାଟିତ

**ପାପଡାହାଣ୍ଡି, ୧୫।୧(ଡି.ଏନ.ଏ)**

ନବରଙ୍ଗପୁର ଜିଲା ପାପଡାହାଣ୍ଡି ଡାକ ବଙ୍ଗଳା ପାର୍ଶ୍ୱରେ ପାପଡାହାଣ୍ଡି ଥାନାର ନୂତନ କୋଠାକୁ ବୁଧବାର ଏସପି ନିତିନ କୁସଲକର ଉଦଘାଟନ କରିଛନ୍ତି । ଏହି ଅବସରରେ ତହସିଲଦାର ପ୍ରେମଲାଲ ହିଆଲ, ଏସଡ଼ିପିଓ ବି. କେ. ନାୟକ, ନବରଙ୍ଗପୁର ଆଇଆଇସି ତାରିକ ଅହମ୍ମଦ, ପାପଡାହାଣ୍ଡି ଆଇଆଇସି ଶୁଭେନ୍ଦୁ ଶବର, ଆଇନଜୀବୀ ସ୍ୱାଧୀନ ପଟନାୟକ, ବି ଜଗନ ମୋହନ ରାଓ, ଜି ଅନନ୍ତ ମୂର୍ତ୍ତି, ପିଏଲଭି ସଭ୍ୟ ରାଜ କିଶୋର ରାଓ ପ୍ରମୁଖ ଯୋଗ ଦେଇଥିଲେ। ଦୀର୍ଘଦିନ ହେଲା ବସ ଷ୍ଟାଣ୍ଡ ଛକରେ ପୁରୁଣା ଥାନା ରହିଥିଲା। ମରାମତି ଅଭାବରୁ କୋଠା ଟି ବହୁ ପୁରୁଣା ସହ ବର୍ଷା ଦିନରେ ପାଣି ଗଳିବା ସହ ଶୌଚାଳୟ ଆଦିର ସୁବିଧା ନ ଥିଲା। କର୍ମଚାରୀମାନେ ବହୁ ଅସୁବିଧାର ସମ୍ମୁଖୀନ ହେଉଥିଲେ। ନୂତନ ଥାନାରେ ଲୋକେ ସମସ୍ତ ସୁବିଧା ସୁଯୋଗ ପାଇପାରିବେ । ପୁରୁଣା ଥାନା ସ୍ଥାନରେ ଏସଡ଼ିପିଓ କାର୍ଯ୍ୟାଳୟ ସହ ଏକ ଆଉଟ ପୋଷ୍ଟ ରହିବ । ଅନ୍ୟମାନଙ୍କ ମଧ୍ୟରେ ଏସଆଇ ଅଶ୍ୱିନୀ ପଟନାୟକ, ଏସଆଇ ଦିଲୀପ ପ୍ରଧାନ, ଏସଆଇ ପଞ୍ଚାନନ ପରିଡା, ଏଏସଆଇ ଏମ ଆର ପଣ୍ଡା, ଏଏସଆଇ ହମିଦ ମାଝୀ ଓ କର୍ମଚାରୀ ପ୍ରମୁଖ ଉପସ୍ଥିତ ଥିଲେ।



ଉଦ୍‌ଘାଟନ ସମାରୋହରେ ଉପସ୍ଥିତ ଅତିଥିମାନେ।

# ଶ୍ରୀରାମ ଚରିତ ମାନସ ଓଡ଼ିଆ ଅନୁବାଦ ପୁସ୍ତକ ଲୋକାର୍ପଣ

**ନବରଙ୍ଗପୁର,୧୫।୧(ବି.ପ୍ର.)**

ତୁଳସୀ ଦାସଙ୍କ ରଚିତ ଶ୍ରୀରାମ ଚରିତ ମାନସର ଓଡିଆ ଅନୁବାଦ ପୁସ୍ତକ ବୁଧବାର ଲୋର୍କାପିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥି ଭାବେ ସାମାଜିକ କର୍ମୀ ଜଗନ୍ନାଥ ମହାପାତ୍ର ଯୋଗ ଦେଇ ଶ୍ରୀରାମଙ୍କୁ ସତ୍ୟ ଓ ନ୍ୟାୟର ପ୍ରତିମୂର୍ତ୍ତି ଭାବେ ଅବିହିତ କରିଥିଲେ । ମୁଖ୍ୟ ବକ୍ତା ଭାବେ ଡଃ. ଗଙ୍ଗାଧର ନନ୍ଦ ଯୋଗ ଦେଇ ବିଶ୍ୱର ପ୍ରଥମ ସାଗର ବନ୍ଦର ନିର୍ମାତା, ସର୍ବାଧିକ ଦୂରତା ପଦ ବ୍ରଜରେ ଅତିକ୍ରମ କରିଥିବା ମନ୍ତବ୍ୟରେ ପ୍ରକାଶ କରିଥିଲେ । ଶ୍ରୀରାମ ଚନ୍ଦ୍ର ସତ୍ୟର ପ୍ରତିଷ୍ଠା କରି ଭାରତୀୟ ଜନଜୀବନରେ ନବ ଦିଗନ୍ତ ସୃଷ୍ଟି କରିଥିବା ଅନ୍ୟତମ ବକ୍ତା କବି କୃଷ୍ଣ ଚନ୍ଦ୍ର ଭୁକ୍ତା ପ୍ରକାଶ କରିଥିଲେ । ରାମ ଚରିତ ମାନସ ମଧ୍ୟଯୁଗୀୟ ଭାରତୀୟ କାବ୍ୟ ଉଦ୍ୟାନରେ ସୁଗନ୍ଧତମ ବୃକ୍ଷ ବୋଲି କୁଞ୍ଜ ବିହାରୀ ପାଠାଗାରର ତଥା ନିଗମାନନ୍ଦ ଅଶ୍ରମର ସଭାପତି ସାହିତ୍ୟକ ନାରାୟଣ ପଣ୍ଡା ତାଙ୍କ ଉଦବୋଧନରେ ପ୍ରକାଶ କରିଥିଲେ । କୁମୁଦ ଚନ୍ଦ୍ର ପଟ୍ଟନାୟକ ରାମଚରିତ ମାନସକୁ ସୁନ୍ଦର ଭାବରେ ଓଡିଆରେ ଅନୁବାଦ କରି ଉତ୍କଳବାଣୀ ଭଣ୍ଡାରକୁ ଋଦ୍ଧିମନ୍ତ କରିଛନ୍ତି ବୋଲି ବକ୍ତା ମାନେ ମତ ପ୍ରକାଶ କରିଥିଲେ। ପ୍ରାଧାପକ ଡଃ. ବିଜୟ କୁମାର ମିଶ୍ର, ନାରାୟଣ ପାତ୍ର, ବିଜୟ କୁମାର ଚୌଧୁରୀ, ଜେମାମଣି ବିଷୋୟୀ, ଡଃ. ରାଧାନାଥ ବେହେରା, କେ. କୈଳାଶ ଚନ୍ଦ୍ର ପାତ୍ର ପ୍ରମୁଖ ନିଜସ୍ୱ ବକ୍ତବ୍ୟ ରଖିଥିଲେ ।

ଅନ୍ୟମାନଙ୍କ ମଧ୍ୟରେ ଡାବୁଗାଁ ବିଧାୟକ ମନୋହର ରନ୍ଧାରୀ, ଜଗଦୀଶ ଚନ୍ଦ୍ର ପାତ୍ର, ମୋହନ ନାୟକ, ଲକ୍ଷ୍ମୀ ପ୍ରସାଦ ବିଷେୟୀ, ଗଣେଶ୍ୱର ଦାଶ, ଶ୍ରୀଧର ଶତପଥି, ଦୁର୍ଗା ପ୍ରସାଦ ପ୍ରଧାନ, ବାସନ୍ତି ଲତା ଜେନା, ହରିହର ନାୟକ, ନିରଞ୍ଜନ ମଶ୍ର, ଜଗଦିଶ ଚନ୍ଦ୍ର ତ୍ରିପାଠୀ, ଡାକ୍ତର ଅମ୍ବିକା ପ୍ରସାଦ ପାଣିଗ୍ରାହୀ, ହର ପ୍ରସାଦ ପାତ୍ର, ପ୍ରଭସିନୀ ମହାନ୍ତି, ପ୍ରଜ୍ଞା ପ୍ରିୟ ଦର୍ଶନୀ ବେହେରା, ରିତାରାଣୀ ପଟ୍ଟନାୟକ, କିଶୋର ପଟ୍ଟନାୟକ ଓ କୈଳାଶ ଚନ୍ଦ୍ର ବେହେରା ସମେତ ସହରର ଅଧାତ୍ମିକ ପ୍ରେମୀ, କବି, ସାହିତ୍ୟିକ ଓ ବୁଦ୍ଧିଜୀବୀ ଯୋଗ ଦେଇଥିଲେ ।



ଅତିଥିମାନେ ପୁସ୍ତକ ଉନ୍ମୋଚନ କରୁଛନ୍ତି।

